## ସଂକ୍ଷେପରେ

### ନିଆଁ ଲାଗି ୩ ପୋଲିସ କର୍ମଚାରୀ ଗୁରୁତର

ଭଦ୍ରକ ଅଫିସ, ୯।୧୧-ମଶା ଧୂପରୁ ନିଆଁ ଲାଗି ୩ ଜଣ ଓଏସ୍ଏପି ୫ ବାଟାଲିୟନର କର୍ମଚାରୀ ପୋଡ଼ି ଗୁରୁତର ହୋଇଛନ୍ତି। ରବିବାର ରାତିରେ ଏହି ଘଟଣା ଘଟିଥିବା ବେଳେ ଗୁରୁତର ପୋଲିସ କର୍ମଚାରୀମାନେ ଭଦ୍ରକ ମୁଖ୍ୟ ଡାକ୍ତରଖାନାରେ ଚିକିତ୍ସାଧୀନ ଥିବା ଜଣାପଡ଼ିଛି। ସୂଚନା ଅନୁଯାୟୀ, ବାରିପଦା ଅଞ୍ଚଳର ୫ ବାଟାଲିୟନର ପୋଲିସ କର୍ମଚାରୀ ଭଦ୍ରକ ଜିଲା ପୁରୁଣାବଜାର ଥାନାରେ ଡ୍ୟୁଟିରେ ମୁତୟନ ହୋଇଥିଲେ। ଡ୍ୟୁଟି ପରେ ଥାନା ପରିସରରେ ଥିବା ଏକ ଷ୍ଟୋର ରୁମ୍ ନିକଟରେ ଶୋଇଥିଲେ। ସେଠାରେ ଲଗାଇଥିବା ମଶା ଧୂପରୁ ନିଆଁ ଲାଗିଯାଇ ଶୋଇଥିବା ୩ କର୍ମଚାରୀ ପୋଡ଼ି ଗୁରୁତର ହୋଇଛନ୍ତି। ସେମାନଙ୍କ ନାଁ ମନୋରଞ୍ଜନ ଘଡ଼େଇ, ଗଣେଶ ନାୟକ ଓ ସଂଗ୍ରାମ ଟୁଡୁ ବୋଲି ଜଣାପଡ଼ିଛି।

### ସମୁଦ୍ରରୁ ମତ୍ସ୍ୟଜୀବୀଙ୍କ ମୃତଦେହ ଉଦ୍ଧାର

ରୂପ୍ସା, ୯।୧୧(ଡି.ଏନ.ଏ.)- ବାଲେଶ୍ୱର ସଦର ବ୍ଲକ ବାହାବଳପୁର ସାମୁଦ୍ରିକ ଥାନା ଅନ୍ତର୍ଗତ ମାଛଧରା ଜେଟି ଅଞ୍ଚଳ ସମୁଦ୍ରରୁ ସୋମବାର ଜଣେ ମତ୍ସ୍ୟଜୀବୀଙ୍କ ମୃତଦେହ ଉଦ୍ଧାର କରାଯାଇଛି। ମୃତକ ହେଲେ ମୟୂରଭଞ୍ଜ ବଡ଼ସାହି ଥାନା ଆମ୍ବଡାଳି ଗ୍ରାମର ରାଜେନ୍ଦ୍ର ସିଂ (୪୦)। ସେ ଗତ ୭ତାରିଖରେ ଟ୍ରଲରରେ ମାଛ ଧରିବା ପାଇଁ ସମୁଦ୍ରକୁ ଯାଇଥିଲେ। କୌଣସି କାରଣରୁ ସେ ଟ୍ରଲରରୁ ସମୁଦ୍ର ଭିତରକୁ ଖସିପଡ଼ିଥିଲେ। ଜେଟି ଅଞ୍ଚଳ ସମୁଦ୍ରରେ ସୋମବାର ତାଙ୍କ ମୃତଦେହ ଭାସୁଥିବା ଦେଖି ସ୍ଥାନୀୟ ମତ୍ସ୍ୟଜୀବୀ ପୋଲିସକୁ ଖବର ଦେଇଥିଲେ। ଆଇଆଇସି ଲକ୍ଷ୍ମଣ ବେହେରା ପହଞ୍ଚି ସମୁଦ୍ରରୁ ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ପଠାଇଛନ୍ତି। ଏନେଇ ଏକ ଅପମୃତ୍ୟୁ ମାମଲା (ନଂ. ୬/୨୦) ରୁଜୁ ହୋଇଛି।

### ଦୁଇ ଆକାଉଣ୍ଟାଣ୍ଟଙ୍କ ଜାମିନ ଖାରଜ

**ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ମାମଲା**

ବ୍ରହ୍ମପୁର ଅଫିସ,୯।୧୧– ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଭିଜିଲାନ୍ସ ଦ୍ୱାରା ଗିରଫ ହୋଇଥିବା ବନ ବିଭାଗର ୨ ଆକାଉଣ୍ଟାଣ୍ଟଙ୍କ ଜାମିନ୍ ଖାରଜ୍ ହୋଇଛି। ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍ ସୁବ୍ରତ ମହାନ୍ତି ଜାମିନର ଶୁଣାଣି କରି ସୋମବାର ଖାରଜ୍ କରିଥିବା ସ୍ୱତନ୍ତ୍ର ପିପି ତପନ କୁମାର ଦାଶ ସୂଚନା ଦେଇଛନ୍ତି। ସେପଟେ ଜାମିନ ପାଇଁ ହାଇକୋର୍ଟରେ ଆଶ୍ରୟ ନିଆଯିବ ବୋଲି ଅଭିଯୁକ୍ତଙ୍କ ଓକିଲ ପ୍ରଦୀପ ପାଣିଗ୍ରାହୀ ସୂଚନା ଦେଇଛନ୍ତି। ଆକାଉଣ୍ଟାଣ୍ଟ ଦ୍ୱୟ ହେଲେ ଖୋର୍ଦ୍ଧା ଜିଲା ବାଲୁଗାଁ ଚିଲିକା ବନ୍ୟପ୍ରାଣୀ ମଣ୍ଡଳ ଡିଏଫ୍ଓଙ୍କ କାର୍ଯ୍ୟାଳୟର ଜୁନିଅର୍ ଆକାଉଣ୍ଟାଣ୍ଟ ନବୀନ ଚନ୍ଦ୍ର ବିଷୋୟୀ ଏବଂ ବ୍ରହ୍ମପୁର ଡିଏଫ୍ଓ କାର୍ଯ୍ୟାଳୟର ଆକାଉଣ୍ଟାଣ୍ଟ ସୂର୍ଯ୍ୟନାରାୟଣ ତ୍ରିପାଠୀ। ଗତ ୬ ତାରିଖରେ ବ୍ରହ୍ମପୁର ଭିଜିଲାନ୍ସ ବିଭାଗ ଉଭୟଙ୍କ ଘର ସମେତ ଅଫିସରେ ଚଢ଼ାଉ କରିଥିଲା। ଗତ ୭ ତାରିଖରେ ଭିଜିଲାନ୍ସ ବିଭାଗ ଉଭୟଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା।

# ସୁରକ୍ଷା ଦେବ 'ପ୍ରାଇଭେଟ୍ ପ୍ଲେସ୍ ସିକ୍ୟୁରିଟି ଆଲାର୍ମ'

**ଚର୍ଚ୍ଚାରେ ଅମନ**

ମାନସ ବିଶ୍ୱାଳ
ବାଲେଶ୍ୱର ଅଫିସ, ୯।୧୧

ସିସିଟିଭି ପରେ ଲୋକଙ୍କର ସମ୍ପତ୍ତିକୁ ସୁରକ୍ଷା ଦେବା ପାଇଁ ଏକ ବିକଳ୍ପ ହୋଇପାରେ 'ପ୍ରାଇଭେଟ୍ ପ୍ଲେସ୍ ସିକ୍ୟୁରିଟି ଆଲାର୍ମ'। ବିନା ଡାଟା ଏବଂ ବିଦ୍ୟୁତ୍ ସଂଯୋଗରେ ନିଜର ପ୍ରାଇଭେସି ଏରିଆକୁ କେହି ପ୍ରବେଶ କଲେ ଏହି ଯନ୍ତ୍ରରୁ ସୂଚନା ମିଳିପାରିବ। ଏଭଳି ଏକ ଯନ୍ତ୍ର ଉଦ୍ଭାବନ କରି ଚର୍ଚ୍ଚାକୁ ଆସିଛନ୍ତି ୧୭ ବର୍ଷୀୟ ଅମନ୍ ଖାନ୍।

ବାଲେଶ୍ୱର ସହର ଆଜିମାବାଦସ୍ଥିତ ଖପରାପଡା ଅଞ୍ଚଳର ମାଜିଦା ଖାତୁନ୍ଙ୍କ ପୁଅ ଅମନ୍। ଛୋଟବେଳୁ ଘରକୁ ଆସୁଥିବା ରିମୋଟ୍ କଣ୍ଟ୍ରୋଲ ଖେଳନାକୁ ଭାଙ୍ଗି ଅନ୍ୟ କିଛି ତିଆରି କରିବାକୁ ଚେଷ୍ଟା କରୁଥିବା କୁନି ଅମନ୍ ଆଜି ଏଭଳି ଏକ ଯନ୍ତ୍ର ଉଦ୍ଭାବନ କରିବାରେ ସକ୍ଷମ ହୋଇଛନ୍ତି। 'ପ୍ରାଇଭେଟ୍ ପ୍ଲେସ୍ ସିକ୍ୟୁରିଟି ଆଲାର୍ମ' ସମ୍ପର୍କରେ ଅମନ କୁହନ୍ତି–' ଏହା ସୁରକ୍ଷା କବଚ ଭଳି କାମ କରିପାରିବ। ନିଜ ପ୍ରାଇଭେଟ୍ ସ୍ଥାନକୁ ଅନ୍ୟ କୌଣସି ବ୍ୟକ୍ତି ପ୍ରବେଶ କଲେ ସେନସର, କଣ୍ଟ୍ରୋଲର ଏବଂ କୋଡ଼ିଂ ଦ୍ୱାରା ଟ୍ରାକ୍ କରି ମେଶିନ ମାଲିକଙ୍କ ମୋବାଇଲକୁ ରିଂ କରି ସୂଚନା ଦେଇପାରିବ। ଏଥିରେ ଡାଟା କିମ୍ବା ବିଦ୍ୟୁତ୍ ସଂଯୋଗର ଆବଶ୍ୟକ ନ ଥାଏ। କେବଳ ଗୋଟିଏ ବ୍ୟାଟେରି ସମ୍ପୂର୍ଣ୍ଣ ଚାର୍ଜ ହୋଇଥିଲେ ବର୍ଷେ ପର୍ଯ୍ୟନ୍ତ କାର୍ଯ୍ୟକ୍ଷମ ହୋଇଥାଏ। ଏହାକୁ ତିଆରି କରିବା ପାଇଁ ଆବଶ୍ୟକ ଇଲେକ୍ଟ୍ରୋନିକ ସାମଗ୍ରୀ ଓଡ଼ିଶାରେ ମିଳୁ ନ ଥିଲେ ମଧ୍ୟ ବାଙ୍ଗାଲୋର ଓ କୋଲକାତାରୁ କୋରିୟରରେ ମଗାଇବାକୁ ପଡୁଛି। ଅବଶ୍ୟ ଏହାକୁ ପ୍ରସ୍ତୁତ କରିବା ପାଇଁ ୫ହଜାର ଟଙ୍କା ଖର୍ଚ୍ଚ ହୋଇଛି। ଅଧିକରୁ ଅଧିକ ତିଆରି କଲେ ଏହାର ମୂଲ୍ୟ କମ୍ ହୋଇପାରେ'।


'ପ୍ରାଇଭେଟ୍ ପ୍ଲେସ୍ ସିକ୍ୟୁରିଟି ଆଲାର୍ମ' ସହ ଅମନ।

ଷଷ୍ଠ ଶ୍ରେଣୀରେ ପଢୁଥିବା ବେଳେ ଅମନ୍ 'ବଡ଼ି ସେନ୍ସିଂ ଲାଇଟ୍' ପ୍ରକଳ୍ପ ପ୍ରସ୍ତୁତ କରି ବିଦ୍ୟାଳୟ ବିଜ୍ଞାନମେଳାରେ ପ୍ରଥମ ହୋଇଥିଲେ। ପୁରସ୍କାର ଓ ଉତ୍ସାହ ଆଗକୁ ଯିବାକୁ ପ୍ରେରଣା ଦେଇଥିବା ବେଳେ ଟିଭିରେ ପ୍ରସାରିତ ଆଇରନ୍ ମ୍ୟାନ୍ ଫିଲ୍ମ ଦେଖି କିଛି ବନାଇବା ପାଇଁ ପ୍ରେରିତ ହୋଇଥିଲେ ସେ। ପରେ ବାଇସାଇକେଲ୍‌ରେ 'ସେନସର ବ୍ରେକ୍‌ଲାଇଟ୍', ବାହାର ଓ ଭିତର ପାଇଁ 'ଅଟୋମେଟିକ୍ ହ୍ୟାଣ୍ଡ ସାନିଟାଇଜର ମେଶିନ୍' ପ୍ରସ୍ତୁତ କରିସାରିଲେଣି। ଭବିଷ୍ୟତରେ ବୈଜ୍ଞାନିକ ହେବାକୁ ଲକ୍ଷ୍ୟ ରଖିଛନ୍ତି ଆଇଟିଆଇ ଇଲେକ୍ଟ୍ରିକାଲ ବିଭାଗର ଦ୍ୱିତୀୟ ବର୍ଷ ଛାତ୍ର ଅମନ୍। ଆଇଟିଆଇ ପଢାପରେ ଡିପ୍ଲୋମା, ତା'ପରେ ଡିଆର୍‌ଡିଓ (ପ୍ରତିରକ୍ଷା ଅନୁସନ୍ଧାନ ଏବଂ ବିକାଶ ସଙ୍ଗଠନ)ରେ ଉଚ୍ଚପଦସ୍ଥ ଅଧିକାରୀ ପଦବୀ ପାଇଁ ପ୍ରସ୍ତୁତ ହେବେ ବୋଲି ସେ ଆଶା ବ୍ୟକ୍ତ କରନ୍ତି।

ମା' ମାଜିଦା କହନ୍ତି, ପିଲାଦିନୁ ଅମନ୍‌କୁ ଖେଳନା ଦେଲେ ସେ ଭାଙ୍ଗି ଦେଉଥିଲା। ସେଥିରୁ କିଛି ନୂଆ ତିଆରି କରିବାକୁ ଚେଷ୍ଟା କରି ବାରମ୍ବାର ବିଫଳ ହେଉଥିଲା ଆଉ ମୋତେ ଦ୍ୱନ୍ଦ୍ୱରେ ପକାଉଥିଲା। ଅବଶ୍ୟ ତା'ର ସଫଳତା ଏବେ ଆନନ୍ଦ ଆଣିଦେଇଛି। ଏକ ଘରୋଇ କମ୍ପାନୀରେ ଆକାଉଣ୍ଟାଣ୍ଟ ଭାବେ କାର୍ଯ୍ୟ କରି ଅମନ୍‌କୁ ପଢ଼ାଇବା ସହ ତାର ଲକ୍ଷ୍ୟ ପୂରଣ ପାଇଁ ଚେଷ୍ଟା କରୁଛି। କିନ୍ତୁ ମୋର ସ୍ୱଳ୍ପ ରୋଜଗାରରେ ଏସବୁ କରିବା ଅସମ୍ଭବ ମନେହେଉଛି। କୌଣସି ସରକାରୀ ପ୍ରୋତ୍ସାହନ କିମ୍ବା ସହାୟତା ମିଳିଲେ ଭବିଷ୍ୟତରେ ଅମନ୍ ଏକ ଭଲ ବୈଜ୍ଞାନିକ ହୋଇ ଦେଶର ସେବା କରିପାରିବ ବୋଲି ସେ କୁହନ୍ତି।

# ପଶ୍ଚିମବଙ୍ଗକୁ ବେଆଇନ ଗୋଚାଲାଣ

- ୫ ଟ୍ରକରୁ ୧୫୩ ଗୋରୁ ଉଦ୍ଧାର, ୩ ମୃତ
- ୭ ଗିରଫ

ବାହାନଗା, ୯।୧୧(ଡି.ଏନ.ଏ.)

ବାଲେଶ୍ୱର ଜିଲା ବାହାନଗା ବ୍ଲକ ୧୬ନମ୍ବର ଜାତୀୟ ରାଜପଥରେ ରବିବାର ବିଳମ୍ବିତ ରାତିରେ ବେଆଇନ ଭାବେ ପଶ୍ଚିମବଙ୍ଗକୁ ଗୋଚାଲାଣ ହେଉଥିବା ବେଳେ ଖନ୍ତାପଡା ଥାନା ପୋଲିସ୍ ସେରଗଡସ୍ଥିତ ଟୋଲଗେଟ୍ ନିକଟରେ ଗୋରୁ ବୋଝେଇ ୫ ଟ୍ରକ୍‌କୁ ଅଟକାଇଥିଲା। ସେଥିରେ ଥିବା ୧୫୩ ଗୋରୁଙ୍କୁ ଉଦ୍ଧାର କରାଯିବା ସହ ଟ୍ରକଗୁଡ଼ିକୁ ଜବତ କରାଯାଇଛି। ୩ଜଣ ଡ୍ରାଇଭର, ୪ଜଣ ହେଲପରଙ୍କୁ ଗିରଫ କରାଯାଇ କୋର୍ଟଚାଲାଣ କରାଯାଇଛି। ଗାଡ଼ିରୁ ୩ ମୃତ ଗୋରୁଙ୍କୁ ଉଦ୍ଧାର କରାଯାଇଛି। ଅନ୍ୟ ଗୋରୁଗୁଡ଼ିକୁ ରେମୁଣାସ୍ଥିତ ବାମପଦା ଗୋଶାଳରେ ରଖାଯାଇଛି।

ଗୋରୁ ବୋଝେଇ ଟ୍ରକଗୁଡ଼ିକ ଭଦ୍ରକରୁ ପଶ୍ଚିମବଙ୍ଗ ଚାଲାଣ ହେଉଥିଲା। ଖନ୍ତାପଡା ଥାନା ଆଇଆଇସି ପରେଶ କୁମାର ରାଉତ ସଦଳବଳେ ଶେରଗଡ ଟୋଲଗେଟ୍ ନିକଟରେ ଚଢାଉ କରିଥିଲେ। ଏନେଇ ଥାନାରେ ଏକ ମାମଲା (ନଂ.୩୫୯/୨୦)ରୁଜୁ କରାଯାଇଛି। ଗିରଫ ୩ ଡ୍ରାଇଭର ହେଲେ ପଶ୍ଚିମବଙ୍ଗ ହାଓ୍ୱଡାସ୍ଥିତ ଜି.ଟି. ରୋର୍ଡ ନଇମୁଦ୍ଦିନ୍ (୬୦), ଭଦ୍ରକ ପୁରୁଣା ବଜାର ସାନ ଶଙ୍କରପୁର ଗ୍ରାମର ସହିଦ୍ ସାହା(୨୫), ସେହି ଜିଲାର ଶାନ ଶଙ୍କରପୁର ଗ୍ରାମର ଏସ୍.କେ.ମୁରାଦ (୨୮)। ହେଲପର ୪ ଜଣ ହେଲେ ଭଦ୍ରକ ଜିଲାର ଏସ.କେ. ତାଜୁଦ୍ଦିନ୍(୩୦), ସେହି ଜିଲାର ଏସ୍.କେ. ଅବୁଲ୍ କରିମ୍ (୩୨), କାଜିମହଲା ଅଞ୍ଚଳର ହେଲପର ପ୍ୟାରା ଖାନ୍ (୪୦) ଓ ହେଲପର କମୁରୁଦ୍ଦିନ୍ ଖାନା(୩୫)।


ଉଦ୍ଧାର ହୋଇଥିବା ଗୋରୁ ।

# କେନ୍ଦୁଝରରେ ଖସୁଛି ପାରଦ

କେନ୍ଦୁଝର, ୯।୧୧ (ସ୍ୱ.ପ୍ର.)–

ବଣପାହାଡ ଘେରା କେନ୍ଦୁଝର ଜିଲାର ଥଣ୍ଡା ପରିବେଶ ସମସ୍ତଙ୍କୁ ବିମୋହିତ କରିଥାଏ । ଏହି ସମୟରେ ପର୍ଯ୍ୟଟକ ମାନେ ପ୍ରାକୃତିକ ପରିବେଶ ତଥା ଜଳପ୍ରପାତ ବୁଲି ଦେଖିବା ସହ ଭୋଜିଭାତ କରିବାକୁ ଆସିଥାନ୍ତି । କେନ୍ଦୁଝରବାସୀ ଶୀତର ମଜା ଉଠାଉଛନ୍ତି। ଚଳିତ ବର୍ଷ କରୋନା କଟକଣା ପାଇଁ ପର୍ଯ୍ୟଟନ କେନ୍ଦ୍ର ଗୁଡିକ ବନ୍ଦ ରହିଥିଲେ ହେଁ ପର୍ଯ୍ୟଟକଙ୍କ ଆଗମନ ଜାରି ରହିଛି। ଗତ ୨/୩ ଦିନ ହେଲା କେନ୍ଦୁଝରରେ ତାପାମାତ୍ରା ହ୍ରାସ ପାଉଥିବାରୁ ଶୀତ ଅନୁଭୂତ ହେଉଛି । ସୋମବାର ସକାଳେ ତାପମାତ୍ରା ୧୫ ଡିଗ୍ରୀ ତଳକୁ ଖସି ୧୪.୪ ଡିଗ୍ରୀ ଥିଲା। ଦିନ ଅପେକ୍ଷା ରାତିରେ ତାପମାତ୍ରା କମ ରହୁଛି। ଶୀତ ବସ୍ତ୍ରର ବ୍ୟବହାର ବଢୁଥିବା ବେଳେ ରାସ୍ତାଘାଟରେ ଶୀତବସ୍ତ୍ର ବିକ୍ରି ଆରମ୍ଭ ହୋଇଛି। ବିଶେଷ କରି କାଞ୍ଚିପାଣି, ଖଣ୍ଡାଧାର, କିରିବୁରୁ ଆଦି ଅଞ୍ଚଳରେ ତାପମାତ୍ରା ପାଖାପାଖି ୧୩ ଡିଗ୍ରୀକୁ ଖସି ଆସୁଥିବାରୁ ଅଧିକ ଶୀତ ଅନୁଭୂତ ହେଉଛି। ବନ୍ଦ ଥିବା ସାନଘାଗରା ସମେତ ଅନ୍ୟାନ୍ୟ ପର୍ଯ୍ୟଟନ କେନ୍ଦ୍ର ଗୁଡିକ ଖୋଲିବା ପାଇଁ ପ୍ରକୃତିପ୍ରେମୀ ଦାବି କରିଛନ୍ତି। ଜଙ୍ଗଲ ଓ ପାହାଡ ଧୀରେ ଧୀରେ ନଷ୍ଟ ହୋଇ ପରିବେଶ କ୍ଷତିଗ୍ରସ୍ତ ହେଉଥିବାରୁ କେନ୍ଦୁଝରର ଆଗ ସମୟର ଶୀତ ଅନୁଭୂତ ହେଉନାହିଁ। ଆଗ ଭଳି କେନ୍ଦୁଝରିଆ ଶୀତ ନାହିଁ ବୋଲି ବରିଷ୍ଠ ନାଗରିକ ଅଲେଖ ଚନ୍ଦ୍ର ପାତ୍ର କୁହନ୍ତି। ଶୀତ ଦିନରେ ଚିନାବାଦାମ ଭଜା, ମକା ପୋଡା ଓ କନ୍ଦମୂଳ ର ସ୍ୱାଦ ନିଆରା। ରାତିରେ ନିଆଁ ପାଖରେ ଶେକି ଓ ଦିନରେ ଖରାରେ ଶେକି ହେବା ଏକଦମ୍ ନିଆରା ଅନୁଭୂତି ବୋଲି ବରିଷ୍ଠ ସାହିତ୍ୟିକ ରାମକୃଷ୍ଣ ମହାପାତ୍ର କହିଛନ୍ତି।

# ଧରାପଡ଼ିଲେ ୪ ନାବାଳକ

**ଏଟିଏମ୍‌ରୁ ଲୁଟ୍ ଉଦ୍ୟମ**

ଯୋଡା, ୯।୧୧(ଡି.ଏନ.ଏ.)– କେନ୍ଦୁଝର ଜିଲା ବାମେବାରୀ ଥାନା ଅନ୍ତର୍ଗତ ଜଜାଙ୍ଗସ୍ଥିତ ଜେଏସ୍‌ଡବ୍ଲ୍ୟୁ ଖଣି ଲିଜ୍ ପରିସରରେ ଥିବା ଏଟିଏମ୍‌ରୁ ଟଙ୍କା ଲୁଟ୍ ଉଦ୍ୟମ ଘଟଣାରେ ପୋଲିସ୍ ୪ ଜଣ ନାବାଳକଙ୍କୁ ଧରିଥିବା ଜଣାପଡିଛି। ଗତ ଜଜାଙ୍ଗ ଠାରେ ଥିବା ଏଟିଏମ୍ କାଉଣ୍ଟରରୁ ଭଙ୍ଗାରୁଜା କରି ଟଙ୍କା ଲୁଟ୍ ଉଦ୍ୟମ କରାଯାଇଥିଲା। ବାମେବାରୀ ଥାନାରେ ଏକ ମାମଲା ରୁଜୁ ହୋଇଥିଲା। ପୋଲିସ୍ ସୋମବାର ୪ ଜଣ ନାବାଳକ ଅଭିଯୁକ୍ତଙ୍କୁ ଧରି ବାଳ ସୁଧାର ଗୃହକୁ ପଠାଇଥିବା ଓଆଇସି ଅମିତାଭ୍ ଦାସ କହିଛନ୍ତି।

# ଦ୍ୱିତୀୟ ସୋମବାର ଦୁଇ ମନ୍ଦିର ସିଲ୍

ଗୋପାଳପୁର,୯।୧୧–

କୋଭିଡ୍ ପାଇଁ ଗଞ୍ଜାମ ଜିଲାରେ ମନ୍ଦିରକୁ ସମ୍ପୂର୍ଣ୍ଣ ବନ୍ଦ ରଖିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। କିନ୍ତୁ କାର୍ତ୍ତିକ ମାସ ଦ୍ୱିତୀୟ ସୋମବାର ଜିଲାରେ ଦୁଇ ମନ୍ଦିରରେ ଗହଳି ଥିବାରୁ ପ୍ରଶାସନ ପକ୍ଷରୁ ସିଲ୍ କରାଯାଇଛି। ମଙ୍ଗଳବାର କମିଟି ନାମରେ କୋଭିଡ୍ ନିୟମ ଉଲଂଘନ ଅଭିଯୋଗରେ ଗୋଳନ୍ଥରା ଓ ଗୋପାଳପୁର ଥାନାରେ ଲିଖିତ ଅଭିଯୋଗ କରାଯିବ ବୋଲି କନିଷ୍ଠ ତହସିଲଦାର ତାପସ ରାଉତ କହିଛନ୍ତି।

ରଙ୍ଗେଇଲୁଣ୍ଡା ବ୍ଲକ ଧବଳେଶ୍ୱର ଓ ଗୋଳନ୍ଥରା ସ୍ଥିତ ଈଶାଣେଶ୍ୱର ମନ୍ଦିର ଦ୍ୱିତୀୟ ସୋମବାରରେ ଖୋଲା ରହି ଭକ୍ତଙ୍କ ଗହଳି ଦେଖିବାକୁ ମିଳିଥିଲା। ଖବର ପାଇ ବ୍ରହ୍ମପୁର ଉପଜିଲାପାଳ କୀର୍ତ୍ତି ଭାସନ ଭି, କନିଷ୍ଠ ତହସିଲଦାର ଓ ଅତିରିକ୍ତ ତହସିଲଦାର ମନୋଜ ପ୍ରଭାକର କୁଜୁର ପ୍ରଥମେ ଈଶାଣେଶ୍ୱର ମନ୍ଦିର ଯାଇ ସିଲ୍ କରିଥିବା ବେଳେ ପୂଜାରୀଙ୍କୁ ଦେବନୀତି କରିବା ପାଇଁ ଅନୁମତି ଦେଇଛନ୍ତି। ସର୍ବସାଧାରଣଙ୍କ ପ୍ରବେଶକୁ ସମ୍ପୂର୍ଣ୍ଣ ବାରଣ କରାଯାଇଛି। ସେହିପରି ତହସିଲଦାର ଓ ଅତିରିକ୍ତ ତହସିଲଦାର ଧବଳେଶ୍ୱର ମନ୍ଦିର ଯାଇ ସିଲ୍ କରିଛନ୍ତି। ମନ୍ଦିର ପକ୍ଷରୁ ପ୍ରସ୍ତୁତ ଭୋଗକୁ ଦୁଇଟି ସେବାଶ୍ରମକୁ ବଣ୍ଟନ କରାଯାଇଛି।


ପ୍ରଶାସନ ପକ୍ଷରୁ ମନ୍ଦିର ସିଲ କରାଯାଉଛି।

# ଟ୍ରେନ୍ ଧକ୍କାରେ ଯୁବକ ମୃତ

ଗୋପାଳପୁର,୯।୧୧– ଗୋଳନ୍ଥରା ଥାନା ଅଧୀନ ମଦନମୋହନପୁର ରେଳ ଫାଟକ ନିକଟରେ ଟ୍ରେନ୍ ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ବ୍ରହ୍ମପୁର ସ୍ଥିତ ବିଜିପୁରର ସି.ମୋହନ ରାଓ (୪୮)। ରେଳବାଇ ପୋଲିସ ସୂଚନା ଅନୁଯାଇ, ରବିବାର ସନ୍ଧ୍ୟାରେ ମୋହନ କୌଣସି କାମରେ ଶଶୁର ଘର କନିସି ନିକଟସ୍ଥ ପଦ୍ମପୁରରୁ ମଦନମୋହନପୁର ଯାଉଥିଲେ। ମଦନମୋହନପୁର ରେଳ ଲାଇନ ପାର ହେଉଥିବା ସମୟରେ ଏକ ମାଲବାହୀ ଟ୍ରେନ୍ ତାଙ୍କୁ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ରେଳବାଇ ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଏ ନେଇ ନଂ. ୪୬/୨୦ରେ ଏକ ମାମଲା ରୁଜୁ ହୋଇଛି। ସୂଚନାଯୋଗ୍ୟ, ମୋହନ ହଳଦିଆପଦର ନିକଟରେ ଥିବ ଏକ ହୋଟେଲରେ ରୋଷେଆ ଭାବେ କାର୍ଯ୍ୟ କରିଆସୁଥିବା ବେଳେ ଶଶୁର ଘରେ କିଛିଦିନ ହେଲା ରହୁଥିବା ଜଣାପଡିଛି।

# କାର୍‌ଗିଲ ଶହୀଦଙ୍କ ନାଁରେ ମୁଖ୍ୟରାସ୍ତା ନାମିତ

ଗଞ୍ଜାମ,୯।୧୧(ଡି.ଏନ.ଏ.)– ଗଞ୍ଜାମ ବ୍ଲକର କଣ୍ଟାପଡ଼ା ୧୬ ନମ୍ବର ଜାତୀୟ ରାଜପଥଠାରୁ ପ୍ରାୟ ୮ କିଲୋମିଟର ମଧ୍ୟରେ ରହିଥିବା ଡିଆଁଡେଇଁ ଛକ ପର୍ଯ୍ୟନ୍ତ ମୁଖ୍ୟରାସ୍ତାକୁ କାର୍‌ଗିଲ ଶହୀଦ ଯବାନ ଅଶୋକ କୁମାର ନାୟକଙ୍କ ନାଁରେ ନାମିତ କରାଯାଇଛି। ଝାରେଡି ରାଧାଗୋବିନ୍ଦପୁର ପଞ୍ଚାୟତର ସିପକୁଦା ଗ୍ରାମରେ ରହିଥିବା ଯବାନ ଅଶୋକଙ୍କ ପ୍ରତିମୂର୍ତ୍ତୀ ନିକଟରେ ମୁଖ୍ୟରାସ୍ତା ନାମିତ ଉଦ୍‌ଘାଟନୀ ଉତ୍ସବରେ ସ୍ଥାନୀୟ ସରପଞ୍ଚ ମନୋରମା ବେହେରା ଯୋଗଦେଇ ଉଦ୍‌ଘାଟନ କରିଥିଲେ। ମୁଖ୍ୟଅତିଥି ଭାବେ ୧୨୭ ବାଟାଲିୟନ ସିଆର୍‌ପିଏଫ୍ କମାଣ୍ଡାଣ୍ଟ ମଲି ମୋହନ କୁମାର ଯୋଗଦେଇ ଯବାନଙ୍କ ପ୍ରତିମୂର୍ତ୍ତୀରେ ପୁଷ୍ପମାଲ୍ୟାର୍ପଣ କରିଥିଲେ। ଶହୀଦଙ୍କ ପୁତ୍ରଙ୍କୁ ୧୮ ବର୍ଷ ହୋଇଯାଇଥିବାରୁ ସିଆର୍‌ପିଏଫ୍‌ରେ ନିଯୁକ୍ତି ପାଇଁ ପରାମର୍ଶ ଦେଇଥିଲେ। ଗ୍ରାମର ଶହୀଦ ଅଶୋକ ଯୁବକ ସଂଘ କାର୍ଯ୍ୟକ୍ରମର ସୁପରିଚାଳନା କରିଥିବା ବେଳେ ସିଆର୍‌ପିଏଫ୍ ଯବାନ ବୃନ୍ଦ, ସଂଘ କର୍ମକର୍ତ୍ତା, ସଦସ୍ୟ ଓ ଗ୍ରାମବାସୀ ଉପସ୍ଥିତ ଥିଲେ। ସିପକୁଦା ଗ୍ରାମର ସୁଯୋଗ୍ୟ ସନ୍ତାନ ଅଶୋକ ୧୯୯୯ରେ କାରଗିଲ ଯୁଦ୍ଧରେ ବୀରତ୍ୱ ପ୍ରଦର୍ଶନ ପୂର୍ବକ ଦେଶ ପାଇଁ ପ୍ରାଣ ବଳିଦେଇ ଶହୀଦ ହୋଇଯାଇଥିଲେ।


ମୁଖ୍ୟରାସ୍ତା ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିବୃନ୍ଦ।

# ଘୋଷଣାରେ ନୂଆ ମତ୍ସ୍ୟ ଜେଟି

- ୩ ବର୍ଷ ତଳେ ୧୦୦ କୋଟି ବ୍ୟୟ ଆକଳନ ହୋଇଥିଲା
- ୩୦ ବର୍ଷ ତଳର ଜେଟି ପୋତି ହୋଇଗଲାଣି

ଛତ୍ରପୁର,୯।୧୧(ଡି.ଏନ.ଏ.)

ଗଞ୍ଜାମ ଜିଲା ଛତ୍ରପୁର ବ୍ଲକ ଅଧିନ ବଡଆର୍ଯ୍ୟପଲ୍ଲୀ–ସାନଆର୍ଯ୍ୟପଲ୍ଲୀ ଗାଁ ମଧ୍ୟସ୍ଥ ସମୁଦ୍ର କୂଳରେ ଏକ ମତ୍ସ୍ୟ ଜେଟି ନିର୍ମାଣ ନିମନ୍ତେ ୩ ବର୍ଷ ତଳେ ଘୋଷଣା ହୋଇଥିଲା। ହେଲେ ଏହା ଉପରେ ଏ ଯାଏ କୌଣସି ପଦକ୍ଷେପ ନିଆଯାଇନି। ଯଦ୍ୱାରା ମତ୍ସ୍ୟଜୀବୀମାନଙ୍କୁ ଡଙ୍ଗା ନେବା ଆଣିବାରେ ବହୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। ଅନ୍ୟପଟେ ଗୋପାଳପୁର ପୋର୍ଟ ପରିସରରେ ଥିବା ପୁରାତନ ମତ୍ସ୍ୟଜେଟି ପୋତି ହେବାରେ ଲାଗିଛି। ଜିଲାର ମତ୍ସ୍ୟଜୀବୀମାନଙ୍କ ପାଇଁ କୌଣସି ସୁବିଧା କରାଯାଉ ନ ଥିବାରୁ ପରିବାର ପ୍ରତିପୋଷଣ ପାଇଁ ସେମାନଙ୍କୁ ଗାଁ ଛାଡ଼ି ଆନ୍ଧ୍ରପ୍ରଦେଶ, ତାମିଲନାଡୁ, କେରଳ, ଗୋଆ, ମହାରାଷ୍ଟ୍ର ଆଦି ବାହାର ରାଜ୍ୟରେ ଥିବା ଫିସିଙ୍ଗ ହାର୍ବରରେ କାମ କରିବାକୁ ଯିବାକୁ ପଡୁଛି । ଏପରିକି ଅନ୍ୟ କେତେକ ମତ୍ସ୍ୟଜୀବୀ ପାରମ୍ପରିକ ବେଉଷା ଛାଡି ଶ୍ରମିକ ଭାବେ କାମ କରିବା ନିମନ୍ତେ ଅନ୍ୟ ରାଜ୍ୟକୁ ଯିବାକୁ ବାଧ୍ୟ ହେଲେଣି ଗତ ୩୦ ବର୍ଷ ପୂର୍ବେ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ମୁଖ୍ୟମନ୍ତ୍ରୀତ୍ୱ ସମୟରେ ଗଞ୍ଜାମରେ ମତ୍ସ୍ୟଜେଟି ନିର୍ମାଣ ହୋଇଥିଲା। ଜେଟିଠାରେ ଥିବା ଡଙ୍ଗା ନେଇ ମାଛ ମାରିବା ପାଇଁ ମତ୍ସ୍ୟଜୀବୀମାନେ ସମୁଦ୍ରକୁ ଯାଇଥାନ୍ତି। ୨୦୦୭ ମସିହାରୁ ଜେଟି ମୁହାଣ ପୋତି ହେବା ଆରମ୍ଭ କଲା। ଫଳରେ ଏହା ଉପରେ ନିର୍ଭର କରୁଥିବା ୧୦ଟି ଗାଁର ମତ୍ସ୍ୟଜୀବୀଙ୍କୁ ବହୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। ଡଙ୍ଗା ନେବା ଆଣିବାରେ ସମସ୍ୟା ହେଉଛି। ଉଚ୍ଚ ଜୁଆର ଆସିଲେ ଡଙ୍ଗାକୁ ସମୁଦ୍ରକୁ ନେବା ଓ ସମୁଦ୍ରରୁ ଜେଟି ନିକଟକୁ ଆଣିବା ସମ୍ଭବ ହୋଇପାରୁଛି । ଏଥିପାଇଁ ଜୁଆରକୁ ଅପେକ୍ଷା କରିବାକୁ ପଡୁଛି। ୨୦୧୩ରେ ମାଡ୍ରାସସ୍ଥିତ ଇଣ୍ଡିଆନ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜିର ଏକ ବୈଷୟିକ ଟିମ୍ ଗଞ୍ଜାମ ଆସି ଜେଟି ନିର୍ମାଣ ପାଇଁ ସର୍ଭେ କରିଥିଲେ । ପରେ ବେଙ୍ଗାଲୁରୁସ୍ଥିତ ସେଣ୍ଟ୍ରାଲ ଇନଷ୍ଟିଚ୍ୟୁଟ୍ ଅଫ୍ କୋଷ୍ଟାଲ ଇଞ୍ଜିନିୟରିଂ ଫର୍ ଫିସେରିର ଏକ ଟିମ୍ ଆସି ମଧ୍ୟ ସର୍ଭେ କରି ମତ୍ସ୍ୟ ଜେଟି ନିର୍ମାଣ ପାଇଁ ପ୍ରୋଜେକ୍ଟ ରିପୋର୍ଟ ପ୍ରସ୍ତୁତ କରି ସରକାରଙ୍କୁ ପ୍ରଦାନ କରିଥିଲେ । ଆବଶ୍ୟକତାକୁ ଦୃଷ୍ଟିରେ ରଖି ୨୦୧୬ ଏପ୍ରିଲ ୨୧ ତାରିଖରେ ତତ୍କାଳିନ ବିଭାଗୀୟ ମନ୍ତ୍ରୀଙ୍କ ପ୍ରକୋଷ୍ଠରେ ଗଞ୍ଜାମରେ ନୂଆ ମତ୍ସ୍ୟ ଜେଟି ନିର୍ମାଣ ସମ୍ପର୍କରେ ଆଲୋଚନା ହୋଇଥିଲା । ପରେ ନୂତନ ଜେଟି ନିର୍ମାଣ ପାଇଁ ସରକାର ନିଷ୍ପତ୍ତି ନେଇଥିଲେ । ସାନ ଆର୍ଯ୍ୟପଲ୍ଲୀ– ବଡ ଆର୍ଯ୍ୟପଲ୍ଲୀ ମଧ୍ୟସ୍ଥଳ ସମୁଦ୍ର କୂଳ ୨୩ ଏକର ଜମିରେ ନୂତନ ମତ୍ସ୍ୟଜେଟି ନିର୍ମାଣ ପାଇଁ ୩ ବର୍ଷ ତଳେ ୧୦୦ କୋଟି ଟଙ୍କା ବ୍ୟୟ ହେବ ବୋଲି ଆକଳନ ହୋଇଥିବା ଜଣାପଡିଛି । ଏହା ନିର୍ମାଣ ହେଲେ ୧ ହଜାର ବୋଟ ରହିବା ନିମନ୍ତେ ସୁବିଧା ହେବ । ମତ୍ସ୍ୟଜୀବୀଙ୍କ ସ୍ୱାର୍ଥ ଓ ଗୋପାଳପୁର ପୋର୍ଟର ସୁରକ୍ଷା ଦୃଷ୍ଟିରୁ ପ୍ରସ୍ତାବିତ ସ୍ଥାନରେ ନୂତନ ମତ୍ସ୍ୟ ଜେଟି ନିର୍ମାଣ ଆବଶ୍ୟକ ହୋଇପଡିଛି। ତୁରନ୍ତ ଏ ଦିଗରେ ସରକାର ପଦକ୍ଷେପ ନେବାକୁ ସ୍ଥାନୀୟ ମତ୍ସ୍ୟଜୀବୀମାନେ ଦାବି କରିଛନ୍ତି।


ପୁରାତନ ମତ୍ସ୍ୟଜେଟି ।

# ପ୍ରେମୀ ଯୁଗଳଙ୍କ ବିବାହ କରାଇଲେ ସାମାଜିକ କର୍ମୀ

ଫୁଲବାଣୀ ଅଫିସ, ୯।୧୧– ପ୍ରଥମେ ପ୍ରେମ ଓ ପରେ ବିବାହର ପ୍ରତିଶ୍ରୁତି ଦେଇ ପ୍ରେମିକ ପ୍ରତାରଣା ଆରମ୍ଭ କଲେ । ଅନ୍ୟ ଉପାୟ ନ ପାଇ ପ୍ରେମିକା ଜଣକ ଥାନାର ଦ୍ୱାରସ୍ଥ ହେଲେ । ଶେଷରେ ଜଣେ ସମାଜିକ କର୍ମୀଙ୍କ ପ୍ରଚେଷ୍ଟାରେ ଉଭୟେ ବିବାହ ବନ୍ଧନରେ ବାନ୍ଧି ହୋଇଛନ୍ତି। କନ୍ଧମାଳ ଜିଲା ଫିରିଙ୍ଗିଆ ଅଞ୍ଚଳରେ ଏହି ଘଟଣା ଦେଖିବାକୁ ମିଳିଛି। ପ୍ରତାରଣାର ଶିକାର ହୋଇଥିବା ନେଇ ଯୁବତୀ ଜଣକ ଫିରିଙ୍ଗିଆ ଥାନାରେ ଅଭିଯୋଗ କରିଥିଲେ । ପୋଲିସ ଅଭିଯୁକ୍ତ ପ୍ରେମିକଙ୍କୁ ଥାନାରେ ଅଟକ ରଖି ରଖିଥିଲା । ଏହା ଜାଣିବା ପରେ ଫିରିଙ୍ଗିଆ ଅଞ୍ଚଳର ସମାଜିକ କର୍ମୀ ଚନ୍ଦ୍ରମୋହନ ନାଏକ ଥାନାକୁ ଯାଇ ସମ୍ପୃକ୍ତ ଯୁବକ ଓ ଯୁବତୀଙ୍କ ପରିବାର ଲୋକଙ୍କ ସହ କଥାବର୍ତ୍ତା ହୋଇଥିଲେ । ଏହାପରେ ଯୁବତୀ ଜଣକ ଏତଲା ପ୍ରତ୍ୟାହାର କରିନେଇଥିଲେ । ସମାଜିକ କର୍ମୀ ଚନ୍ଦ୍ରମୋହନ ଫିରିଙ୍ଗିଆର ଅଧିଷ୍ଠାତ୍ରୀ ଦେବୀ ମା' ପିତାବଳୀଙ୍କ ମନ୍ଦିରରେ ଉଭୟ ପକ୍ଷଙ୍କ ଉପସ୍ଥିତିରେ ପ୍ରେମୀଯୁଗଳଙ୍କ ବିବାହ କରାଇଥିଲେ ।

**ODISHA JOINT ENTRANCE EXAMINATION - 2020**
**( OJEE - 2020 )**

No: OJEE / 367 — Date: 09.11.2020

**NOTICE FOR NEET 2020 (UG) QUALIFIED STATE CANDIDATES**

Congratulation to all NEET 2020 (UG) qualified candidates of the State.

Admission to MBBS / BDS seats of different Government and Hi-Tech Medical (Private) Colleges of the State will be done for the session 2020-21 on the basis of NEET 2020 (UG) merit list following rules and regulation of the State Govt.

The online counselling process **starts from 10.11.2020** and the detailed schedule has been published in the OJEE website. Candidates are advised to keep in touch with website **www.ojee.nic.in / www.odishajee.com** and OJEE Android app for latest information.

Sd/-
CHAIRMAN, OJEE

## ସଂକ୍ଷେପରେ

### ଯୌତୁକ ଦାବିରେ ମହିଳାଙ୍କୁ ନିର୍ଯାତନା

ଚିତ୍ରଡ଼ା,୯।୧୧(ଡି.ଏନ୍.ଏ.): ମୟୂରଭଞ୍ଜ ଜିଲା ମୋରଡ଼ା ଥାନା ଅଧୀନ ପଞ୍ଚାକୁଣ୍ଡିଆ ଗ୍ରାମର ଜଣେ ମହିଳାଙ୍କୁ ଅଧିକ ଯୌତୁକ ଦାବିରେ ଶାଶୁଘର ଲୋକେ ନିର୍ଯାତନା ଦେଉଥିବା ନେଇ ସୋମବାର ଥାନାରେ ଅଭିଯୋଗ ହୋଇଛି। ଏନେଇ ପୋଲିସ ଏକ ମାମଲା(ନଂ.୧୭୩/୨୦) ରୁଜୁ କରି ତଦନ୍ତ ଜାରି ରଖିଛି। ପୋଲିସ ସୂଚନା ଅନୁଯାୟୀ, ପଞ୍ଚାକୁଣ୍ଡିଆ ଗ୍ରାମର ଅଶ୍ୱିନୀ ବେହେରା ୨୦୧୪ରେ ସସ୍ମିତା ବେହେରା(୩୨)ଙ୍କୁ ବୈଦିକ ରୀତିରେ ବିବାହ କରିଥିଲେ। ବିବାହ ସମୟରେ ବର ଘରର ଦାବି ମୁତାବକ ଯୌତୁକ ଦିଆଯାଇଥିଲା। ମାତ୍ର ଅଧିକ ଯୌତୁକ ଦାବିରେ ଶାଶୁ ଘର ଲୋକେ ସସ୍ମିତାଙ୍କୁ ବାରମ୍ବାର ନିର୍ଯାତନା ଦେଇ ଆସୁଥିଲେ। ଏପରିକି ୨୦୧୬ରେ ତାଙ୍କର ଗର୍ଭ ନଷ୍ଟ କରାଯାଇଥିବା ଏତଲାରେ ଦର୍ଶା ଯାଇଛି।

### ଭିଡିଓ କନ୍‌ଫରେନ୍ସିଂରେ ସଚେତନତା

କେନ୍ଦୁଝର, ୯।୧୧(ଡି.ଏନ୍.ଏ.): ଜିଲା ଆଇନ ସେବା ପ୍ରାଧିକରଣ, କେନ୍ଦୁଝର ଆନୁକୂଲ୍ୟରେ ନଭେମ୍ବର ୯ ତାରିଖ ଜାତୀୟ ଆଇନ ସେବା ଦିବସ ଉପଲକ୍ଷେ ଭିଡିଓ ପ୍ରସାରଣ ମାଧ୍ୟମରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରାଧୀକରଣର ଅଧ୍ୟକ୍ଷ ତଥା ଜିଲା ଓ ଦୌରାଜଜ୍‌ଙ୍କ ନିର୍ଦ୍ଦେଶରେ ଏହି କାର୍ଯ୍ୟକ୍ରମକୁ ପ୍ରାଧିକରଣର ସଚିବ ସୌଦାମିନୀ ବିଶ୍ୱାଳ ସଞ୍ଚାଳନ କରିବା ସହ ପ୍ରାରମ୍ଭିକ ଉଦ୍‌ବୋଧନ ଦେଇ ଜାତୀୟ ଆଇନସେବା ଦିବସର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ଉପରେ ଆଲୋକପାତ କରିଥିଲେ। ସାଧାରଣ ଗରିବ, ମହିଳା, ଶିଶୁ, ଭିନ୍ନକ୍ଷମ, ଦଙ୍ଗାଗ୍ରସ୍ତ, ବିଚରାଧୀନ ବନ୍ଦୀ, ପ୍ରାକୃତିକ ବିପର୍ଯ୍ୟୟ ପୀଡିତ ବ୍ୟକ୍ତିଙ୍କୁ ଆଇନସେବା ଯୋଗାଇ ଦେଲେ ଏହି ଦିବସ ପାଳନର ପ୍ରକୃତ ଅର୍ଥ ସାଧିତ ହେବ ବୋଲି ମତ ଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠୀ, ଛାତ୍ରୀଛାତ୍ର, ପ୍ୟାନେଲ ଆଇନଜୀବୀ, ପାରା ଆଇନ ସ୍ୱେଚ୍ଛାସେବୀ ଏବଂ ବରିଷ୍ଠ ନାଗରିକ ଅଂଶଗ୍ରହଣ କରିଥିଲେ।

### ପାଣିରେ ବୁଡି ଜୀବନ ଗଲା

ବାହାନଗା,୯।୧୧(ଡି.ଏନ.ଏ.): ବାଲେଶ୍ୱର ଜିଲା ବାହାନଗା ବ୍ଲକ ସାହାସପୁର ପଞ୍ଚାୟତ ଝାଡତା ଗ୍ରାମର ଗୋପବନ୍ଧୁ ବେହେରା ନାମକ ବ୍ୟକ୍ତି ନିଜ ଭିଣୋଇ ଘରକୁ ବୁଲିବାକୁ ଯାଇ ପୋଖରୀ ପାଣିରେ ବୁଡି ପ୍ରାଣ ହରାଇଛନ୍ତି। ସେ ରବିବାର ଓଡଶାଳ ପଞ୍ଚାୟତର ଶାଳଗାଁ ଗ୍ରାମସ୍ଥିତ ଭିଣୋଇ ଦୁର୍ଯ୍ୟୋଧନ ବାରିକଙ୍କ ଘରକୁ ବୁଲିବାକୁ ଯାଇଥିଲେ। ତେବେ ରାତିରେ ଗୋପବନ୍ଧୁ ଘରେ ଖାଇପିଇ ଶୋଇଥିଲେ। ଭୋର ସମୟରେ ସେ ଘର ପାଖ ପୋଖରୀକୁ ଶୌଚ ହେବାକୁ ଯାଇଥିବା ବେଳେ ପାଣିରେ ବୁଡିଯାଇଥିଲେ। ସକାଳେ ଭିଣୋଇ ଘର ଲୋକେ ଖୋଜାଖୋଜି କରିବା ପରେ ପାଣିରେ ଭାସୁଥିବା ଦେଖି ଗୋପାଳପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ପାଇଁ ଆଣିଥିଲେ। ଏଠାରେ ଡାକ୍ତର ତାଙ୍କୁ ମୃତ୍ୟୁ ଘୋଷଣା କରିଥିଲେ।

### ପୋଲ ତଳୁ ମୃତଦେହ ଉଦ୍ଧାର

ବାରିପଦା ଅଫିସ,୯।୧୧: ମୟୂରଭଞ୍ଜ ଜିଲା ଯଶୀପୁର ଥାନା ଅଧୀନ କଣ୍ଡାଶିମିଳା ଗ୍ରାମ ପୋଲ ତଳୁ ପୋଲିସ ଜଣେ ବ୍ୟକ୍ତିଙ୍କ ମୃତଦେହ ଉଦ୍ଧାର କରିଛି। ମୃତକ ଜଣକ ସାଇକେଲ ସହ ପାଣିରେ ପଡ଼ି ଭାସୁଥିବା ଦେଖି ସ୍ଥାନୀୟ ଲୋକେ ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ କରଞ୍ଜିଆ ଡାକ୍ତରଖାନାକୁ ପଠାଇଛି। ମୃତବ୍ୟକ୍ତିଙ୍କ ପରିଚୟ ଜଣା ପଡ଼ିନାହିଁ।

# 'ସେଦିନର ହରିଶ୍ଚନ୍ଦ୍ର' ଦେଇଥିଲା ପ୍ରେରଣା

**ଉତ୍କଳବନ୍ଧୁ ପଣ୍ଡା**
**ଖଇରା,୯।୧୧**

ବାଲେଶ୍ୱର ଜିଲା ଖଇରା ବ୍ଲକ କୁରୁଣ୍ଟା ପଞ୍ଚାୟତ ରାଇକୁଳା ଗ୍ରାମର ଯୁବଗୋଷ୍ଠୀଙ୍କ ପାଇଁ ନାଟକ ଲେଖାରୁ ନଟ୍ୟକାର ଜୀବନ ଆରମ୍ଭ କରିଥିବା ନବଘନ ରାଉଳ ଆଜି ଓଡ଼ିଶା ନାଟ୍ୟ ଜଗତରେ ଜଣେ ଚର୍ଚ୍ଚିତ ଚେହେରା। କରୋନା ବିପର୍ଯ୍ୟୟର ପୂର୍ବ ସମୟକୁ ଫେରିଗଲେ ଯାତ୍ରାପାର୍ଟିଗୁଡିକ ପାଇଁ ସେ ଥିଲେ ଅତ୍ୟନ୍ତ ଆବଶ୍ୟକତା। ତାଙ୍କର ହାତଲେଖା ନାଟକ ଖଣ୍ଡିକୁ କିଣିବା ପାଇଁ ଯାତ୍ରା ପାର୍ଟି ମାଲିକମାନେ ମାସ ମାସ ଧରି ଅପେକ୍ଷା କରି ରହୁଥିଲେ। ଏମିତିକି ତାଙ୍କ ରଚିତ ନାଟକ ଦେଖିବାକୁ ଦର୍ଶକ ବ୍ଲାକରେ ଅଧିକ ଟଙ୍କା ଦେଇ ଟିକେଟ୍ କିଣିବାକୁ କୁଣ୍ଠାବୋଧ କରୁ ନ ଥିଲେ।

ନବଘନ ୧୯୮୯ରେ କୁରୁଣ୍ଟା ହାଇସ୍କୁଲରେ ଦଶମ ଶ୍ରେଣୀରେ ପଢୁଥିବା ବେଳେ ତାଙ୍କ ପ୍ରଥମ ରଚିତ ନାଟକ 'ସେଦିନର ହରିଶ୍ଚନ୍ଦ୍ର' ଚୈତି ପର୍ବ ପାଳନ ଅବସରରେ ଗାଁ ଯୁବକମାନଙ୍କ ଦ୍ୱରା ମଞ୍ଚସ୍ଥ ହୋଇଥିଲା। ଏଥିରେ ସେ ବେଶ୍ ପ୍ରଶଂସା ସାଉଁଟିବା ସହ ଆଗକୁ ବଢିବାକୁ ପ୍ରେରଣା ପାଇଥିଲେ। ୧୯୯୯ରେ ବାପା ଜଗବନ୍ଧୁ ରାଉଳ ଆରପାରିକୁ ଚାଲିଯିବା ପରେ ମା' ଗୌରୀଙ୍କ ଉପରେ ପଡିଥିଲା ପରିବାର ଚଳାଇବା ଦାୟିତ୍ୱ। ପରେ ଅର୍ଥାଭାବ ଯୋଗୁ ନବଘନଙ୍କ ପାଠପଢାରେ ଡୋରି ବନ୍ଧା ହୋଇଥିଲା। ସେ କଲେଜ ଯିବା ପରିବର୍ତ୍ତେ ସିଲେଇ ଶିଖି ରାଇକୁଳା ବଜାରରେ ସିଲେଇ ମେଶିନ ପକାଇଥିଲେ। ହେଲେ ନାଟ୍ୟକାର ହେବାକୁ ସ୍ୱପ୍ନ ଦେଖୁଥିବା ସେହି ମଣିଷ ପାଇଁ ଏହି ଜୀବନ ଯନ୍ତ୍ରଣାଦାୟକ ଥିଲା। ପ୍ରଥମକରି ସେ ଚନ୍ଦନେଶ୍ୱର ନିକଟସ୍ଥ ଡୁମେଇପୁରର ଲକ୍ଷ୍ମୀନାରାୟଣ ଗଣନାଟ୍ୟରେ ଯୋଗଦେଇ ପରିଚାଳକ ଦାୟିତ୍ୱରେ ରହିବା ସହ ନାଟକ ଲେଖା ଆରମ୍ଭ କରିଥିଲେ। ପ୍ରଥମ ନାଟକ 'ପାପ କହିବି ଶୁଣିବା ଆସ' ମାଲିକର ଅନିଚ୍ଛା ଯୋଗୁ ମଞ୍ଚସ୍ଥ ହୋଇ ପାରି ନ ଥିଲା। ଫଳରେ ସେ ଯାତ୍ରା ପାର୍ଟି ଛାଡି କେବଳ ନାଟକ ଲେଖାରେ ମନନିବେଶ କଲେ। ତାଙ୍କ ରଚିତ ନାଟକ 'ଗୋରୀ ଧୀରେ ଧୀରେ ଚାଲ' ବିଶ୍ୱ ବିଜୟୀ ଗଣନାଟ୍ୟରେ ପରିବେଷିତ ହୋଇଥିଲା। ଅଜଣା ବାଟ, ଧାରୁଆଁ ମଣିଷ, କୁଳ କଳଙ୍କ, ବାଲ୍ୟ ବିବାହ ଆଦି ସାବିତ୍ରୀ ଗଣନାଟ୍ୟ

**ନାଟ୍ୟକାର, ଗଣକବି ନବଘନ ରାଉଳ**



ଦ୍ୱାରା ମଞ୍ଚସ୍ଥ ହୋଇଥିଲା। ସର୍ବୋପରି ୨୦୧୭ରେ 'ବିଶ୍ୱ ଦରବାର' ମଞ୍ଚରେ ପରିବେଷଣ ପରେ ତାଙ୍କୁ ନାଟ୍ୟକାର ମାନ୍ୟତା ମିଳଥିଲା। ଏହାପରେ ସେ ଆଉ ପଛକୁ ଚାହିଁ ନ ଥିଲେ। ଚଉଠି ରାତିର ଚଉଦ କଥା,ଏତେ ସରି ତତେ କିଏ କଲା, ବାଇ ଚଢେଇରେ ବାଇ ଚଢେଇ, ରାଜା ଝିଅ ତମେ କଣ କଲ, ଯେତେ ରାତି ସେତେ ତାତି, ଯମ ଦଣ୍ଡ ଭଳି ଗୋଟିଏ ପରେ ଗୋଟିଏ ନାଟକ ବିଭିନ୍ନ ଗଣନାଟ୍ୟରେ ମଞ୍ଚସ୍ଥ ହୋଇଥିଲା। ଲକ୍‌ଡାଉନ ସମୟରେ ମଧ୍ୟ ତାଙ୍କର ହାତ ଅଟକି ନାହିଁ। ମୋ ବର୍ଣ୍ଣବୋଧ ହଜିଯାଇଛି, ଚାଇନା ୪୨୦, ସ୍ୱାମୀ ଖୋଜିବାକୁ ସ୍ୱର୍ଗକୁ ଯିବି ମଞ୍ଚସ୍ଥ ଅପେକ୍ଷାରେ ରହିଛି। ଯେଉଁ ମା' ତାଙ୍କୁ ମଣିଷ କରିବାକୁ ଝାଳନାଳ ବୁହାଇଥିଲା, ନାଟ୍ୟକାର ମାନ୍ୟତା ମିଳିବାର କିଛି ଦିନ ପୂର୍ବରୁ ଆଖି ବୁଜିବା ଜୀବନର ସବୁଠୁ ଅପାଶୋରା ଘଟଣା ବୋଲି ସେ କହନ୍ତି। ତାଙ୍କର ଲେଖାଗୁଡିକରେ ସେ ସମାଜର ଅବହେଳିତ ନିଷ୍ପେସିତ ଚରିତ୍ରଗୁଡିକୁ ସ୍ଥାନିତ କରିବାକୁ ଗୁରୁତ୍ୱ ଦେଇଥାନ୍ତି। ବିଭିନ୍ନ ଯାତ୍ରା ସଙ୍ଗଠନ ତରଫରୁ ତାଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ନିକଟରେ ମାହାଙ୍ଗା କୋଠପଦାଠାରେ ଗଣକବି ବୈଷ୍ଣବପାଣି ସ୍ମୃତି ପରିଷଦ ଆନୁକୂଲ୍ୟରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ତାଙ୍କୁ ଗଣକବିର ମାନ୍ୟତା ପ୍ରଦାନ କରାଯାଇଛି। ଲକ୍‌ଡାଉନରେ ଚଳିବା ମୁସ୍କିଲ ହୋଇଥିବା ବେଳେ ଗଚ୍ଛିତ ଅର୍ଥରୁ ପରିବାର ପୋଷଣ କରିବାକୁ ପଡୁଥିବା ନବଘନ କହିଛନ୍ତି। ବିଶ୍ୱସ୍ତରରେ ଓଡିଶାର କଳା ସଂସ୍କୃତିକୁ ଯାତ୍ରା ଓ ନାଟକ ମାଧ୍ୟମରେ ପହଞ୍ଚାଇବା ତାଙ୍କର ଲକ୍ଷ୍ୟ ବୋଲି ସେ ଉଲ୍ଲେଖ କରିଛନ୍ତି।

# ରୋଟାରି କ୍ଲବ ପକ୍ଷରୁ ସମ୍ବର୍ଦ୍ଧନା ସମାରୋହ




ସମାରୋହରେ ଜଣେ ଶିକ୍ଷକଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

**ଭଦ୍ରକ ଅଫିସ, ୯।୧୧**

ଚରମ୍ପା ସ୍ଥିତ ଆଇଟିଆଇ ପରିସରରେ ରୋଟାରୀ କ୍ଲବ ମିଡ୍‌ଟାଉନ ଭଦ୍ରକ ଆନୁକୂଲ୍ୟରେ ଏକ ସମ୍ବର୍ଦ୍ଧନା ସମାରୋହ କୋଭିଡ୍ ନିୟମ ପାଳନ ପୂର୍ବକ ଅନୁଷ୍ଠିତ ହୋଇଯାଇଛି। କ୍ଲବର ସଭାପତି ଅମିତ୍ କୁମାର ମଲ୍ଲିକ ଏଥିରେ ଅଧ୍ୟକ୍ଷତା କରିଥିଲେ। ସମାରୋହରେ ୪୩ ଜଣ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ସମ୍ବର୍ଦ୍ଧନା ପୂର୍ବକ ନେସନ୍ ବିଲ୍ଡର ଆୱାର୍ଡ ପ୍ରଦାନ କରାଯାଇଥିଲା। ସଭାପତି ଶିଶିର ମିଶ୍ର, ପୂର୍ବତନ ସଭାପତି ରତନଲାଲ ଗୁପ୍ତା, ସମ୍ପାଦକ ସନାତନ ଜେନା, ମୁଖ୍ୟଅତିଥି ଭାବେ ଜିଲା ଗ୍ରାମ୍ୟ ଉନ୍ନୟନ ପ୍ରକଳ୍ପ ଅଧିକାରୀ ମଧୁସୂଦନ ଦାସ ଓ ଅନ୍ୟତମ ଅତିଥି ଭାବେ ସାହିତ୍ୟିକ ଇଂ. ଅଭୟ ସୂତାର ଯୋଗଦେଇ ରୋଟାରୀ କ୍ଲବର ଭୂମିକା, ସେବା ମନୋଭାବ ସମ୍ପର୍କରେ ଆଲୋକପାତ କରିଥିଲେ। ଅମିତ୍ ମଲ୍ଲିକ ସ୍ୱାଗତ ଭାଷଣ ଓ ରୋଟାରିଆନ ଅତିସ୍ କୁମାର ବେହେରା ଅତିଥି ପରିଚୟ ଦେଇଥିଲେ। ପବିତ୍ର ମୋହନ ଖିଲାର ଧନ୍ୟବାଦ ଅର୍ପଣ କରିଥିଲେ। ଚୈତାଳି ଖିଲାର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ରାଜପଥ ଅବରୋଧ କଲେ ଛାତ୍ରୀଛାତ୍ର



ଛାତ୍ରୀଛାତ୍ର ରାସ୍ତା ଅବରୋଧ କରିଛନ୍ତି।

**ଆରଡ଼ି, ୯।୧୧ (ଡି.ଏନ.ଏ.)**

ଭଦ୍ରକ ଜିଲା ଧାମନଗର ବ୍ଲକ ଅଧୀନ ସାଆଁଳପୁର ନିକଟସ୍ଥ ଆଇଜିଏମ୍ କଲେଜରେ ଫି' ବୃଦ୍ଧି ପ୍ରତିବାଦରେ ସୋମବାର ଉତ୍ତେଜନା ପ୍ରକାଶ ପାଇଥିଲା। ଯୁକ୍ତ ୨ ଦ୍ୱିତୀୟ ବର୍ଷର ଛାତ୍ରୀଛାତ୍ର ଏହାକୁ ବିରୋଧ କରି ପ୍ରଥମେ କଲେଜ ପରିସରରେ ହୋହଲ୍ଲା କରିଥିଲେ। ଏହାପରେ ସେମାନେ କଲେଜରୁ ବାହାରି ଆଖଣ୍ଡଳମଣି-ଭଦ୍ରକ ରାଜ୍ୟ ରାଜପଥକୁ ଅବରୋଧ କରିଥିଲେ। ଫଳରେ ରାସ୍ତାର ଉଭୟ ପାର୍ଶ୍ୱରେ ବହୁ ଗାଡ଼ି ଅଟକି ରହିଥିଲା। ଖବର ପାଇ ଧୂଷୁରୀ ଥାନାର ସବଇନ୍ସପେକ୍ଟର ମହାପ୍ରସାଦ ନାୟକ ଘଟଣାସ୍ଥଳରେ ପହଞ୍ଚି ଉତ୍ୟକ୍ତ ଛାତ୍ରୀଛାତ୍ର ଓ କଲେଜ ଅଧ୍ୟକ୍ଷଙ୍କ ସହ ଆଲୋଚନା କରିଥିଲେ। ଛାତ୍ରୀଛାତ୍ର କଲେଜ ଫି' କମାଇବାକୁ ଅଡ଼ି ବସିଥିଲେ। ଫଳରେ କଲେଜ କର୍ତ୍ତୃପକ୍ଷ

**କଲେଜ ଫି' ବୃଦ୍ଧିକୁ ବିରୋଧ**

ବାଧ ହୋଇ ଫି' ହ୍ରାସ କରିବା ପରେ ଛାତ୍ରୀଛାତ୍ର ଆନ୍ଦୋଳନରୁ ଓହରିଥିଲେ। ଛାତ୍ରୀଛାତ୍ରଙ୍କ ଅଭିଯୋଗ ଅନୁସାରେ, କଲେଜ କର୍ତ୍ତୃପକ୍ଷ କୌଣସି କାରଣ ନ ଥାଇ କଲେଜ ଫି' ଗତବର୍ଷଠାରୁ ପାଖାପାଖି ୨ ହଜାର ଟଙ୍କା ବୃଦ୍ଧି କରିଥିଲେ। ନିୟମ ଅନୁଯାୟୀ ପୂର୍ବବର୍ଷ ଯେତିକି କଲେଜ ଫି' ନିଆଯାଇଥିଲା ଚଳିତବର୍ଷ ମଧ୍ୟ ସେତିକି ନେବା କଥା। ସ୍ଥାନୀୟ ଆଖଣ୍ଡଳମଣି ଯୁକ୍ତ ୨ କଲେଜରେ ସେହି ନିୟମରେ କଲେଜ ଫି' ନିଆଯାଇଥିବା ବେଳେ ଏହି କଲେଜରେ କାହିଁକି ଅଧିକ ଅର୍ଥରାଶି ନିଆଯିବ ବୋଲି ପ୍ରଶ୍ନ ଉଠାଇ ଛାତ୍ରୀଛାତ୍ର ଅଧ୍ୟକ୍ଷଙ୍କୁ ଲିଖିତ ଭାବେ ଜଣାଇଥିଲେ ମଧ୍ୟ ଏହାକୁ ଗୁରୁତ୍ୱ ଦିଆଯାଇ ନ ଥିଲା। ଫଳରେ ଏଭଳି ପରିସ୍ଥିତି ସୃଷ୍ଟି ହୋଇଥିଲା। ଏ ସମ୍ପର୍କରେ କଲେଜ ସଭାପତି ତଥା ଭଦ୍ରକ ଉପଜିଲାପାଳ ପିତାମ୍ବର ସାମଲଙ୍କୁ ପଚାରିବାରୁ ଏହି ଘଟଣା ସମ୍ପର୍କରେ ସେ ଅବଗତ ନୁହନ୍ତି। କୋଭିଡ୍ ସମୟରେ ଉକ୍ତ କଲେଜ କର୍ତ୍ତୃପକ୍ଷ ଫି' ବୃଦ୍ଧି କରିବା ଅଯୁକ୍ତିକ। ତେବେ ଗତବର୍ଷ ଯେତିକି ଫି' ନିଆଯାଇଥିଲା ଏବର୍ଷ ସମାନ ନିଆଯିବ ବୋଲି ସେ କହିଛନ୍ତି।

# ମାସ୍କ ପାଇଁ ୧୧ଲକ୍ଷ ଜରିମାନା

**ଯୋଡା, ୯।୧୧ (ଡି.ଏନ.ଏ.)**

କେନ୍ଦୁଝର ଜିଲା ଯୋଡା ଥାନା ଅଞ୍ଚଳରେ କୋଭିଡ୍ କଟକଣାକୁ ଉଲ୍ଲଂଘନ କରି ଫେସ୍ ମାସ୍କ ଲଗାଉ ନଥିବା ଅମାନିଆ ଲୋକଙ୍କ ଠାରୁ ଜରିମାନା ଆଦାୟ କରାଯାଉଛି। ଯୋଡା ଥାନା ଅଧିକାରୀ ରାଇସେନ ମୁର୍ମୁ ସୂଚନା ଦେଇ କହିଛନ୍ତି ଯେ, ଗତ ୧୦ ମାସ ମଧ୍ୟରେ ୧୧,୪୧,୯୩୬ ଟଙ୍କା ଜରିମାନା ଆକାରରେ ଆଦାୟ ହୋଇଛି। ଏହି ଧରପଗଡ ସହର ତଥା ଖଣି ଅଞ୍ଚଳରେ ଜାରି ରହିଥିବା ସେ ସୂଚନା ଦେଇଛନ୍ତି।

# କୋଣାର୍କ ଟିମ୍ ଚାମ୍ପିୟନ

**ଭଣ୍ଡାରିପୋଖରୀ,୯।୧୧(ଡି.ଏନ.ଏ)**

**ମଣିନାଥପୁର ଜିବିୱାଇସି କ୍ରିକେଟ**

ଭଣ୍ଡାରିପୋଖରୀ ବ୍ଲକର ମଣିନାଥପୁର ଖେଳପଡ଼ିଆରେ ମଣିନାଥପୁର ଜିବିୱାଇସି କ୍ରିକେଟ ଟୁର୍ନାମେଣ୍ଟ-୨୦୨୦ ଅନୁଷ୍ଠିତ ହୋଇଯାଇଛି। ୩ ଦିନ ଧରି ଚାଲିଥିବା ଏହି ଟୁର୍ନାମେଣ୍ଟରେ ୧୬ ଦଳ ଅଂଶଗ୍ରହଣ କରିଥିଲେ। ସେମିଫାଇନାଲ ମ୍ୟାଚ୍‌ରେ ଯାଜପୁର ଡେଭିଏଲ୍‌କୁ ହରାଇ ଯାଜପୁର କୋଣାର୍କ କ୍ରିକେଟ ଟିମ୍ ଫାଇନାଲକୁ ମନୋନୀତ ହୋଇଥିଲା। ଅପରପକ୍ଷରେ ରାଇଜିଂଷ୍ଟାର ସିଦ୍ଧେଶ୍ୱରକୁ ହରାଇ ଯାଜପୁରର ବାଣପୁର ଟିମ୍ ଫାଇନାଲରେ ପ୍ରବେଶ କରିଥିଲା। ଯାଜପୁର କୋଣାର୍କ ଟିମ୍ ଓ ବାଣପୁର ଟିମ୍ ମଧ୍ୟରେ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ୮ ଓଭର ବିଶିଷ୍ଟ ଫାଇନାଲ ମ୍ୟାଚ୍‌ରେ କୋଣାର୍କ ଟିମ୍ ୬.୨ ଓଭର ଖେଳି ୮ ଉଇକେଟ ବିନିମୟରେ ୩୭ ରନ୍ କରି ବିଜୟୀ ହୋଇଥିଲା। ପୁରସ୍କାର ବିତରଣ ସଭାରେ ଅବସରପ୍ରାପ୍ତ କ୍ରୀଡ଼ା ଶିକ୍ଷକ ଶରତ ଦାସ, ଶିକ୍ଷାବିତ୍ ଦୁଃଖିଶ୍ୟାମ ଦାଶ, ଷୋଳମପୁର ଶିଶୁମନ୍ଦିର ସମ୍ପାଦକ ବିଶ୍ୱମ୍ଭର ରାଉତ, ଉପେନ୍ଦ୍ର ଦାସ ପ୍ରମୁଖ ଯୋଗଦେଇ ବିଜୟୀ ଟିମ୍‌କୁ ଚାମ୍ପିୟନ ଟ୍ରଫି ସହିତ ନଗଦ ରାଶି ୪,୦୦୦ ପ୍ରଦାନ କରିଥିଲେ। ବାଣପୁର କ୍ରିକେଟ ଟିମ୍‌କୁ ୩,୦୦୦ ନଗଦ ରାଶି ସହ ଟ୍ରଫି ପ୍ରଦାନ କରାଯାଇଥିଲା। ବେଷ୍ଟ ବୋଲର ନିରଞ୍ଜନ ବାରିକ, ବେଷ୍ଟ ବ୍ୟାଟ୍ସମ୍ୟାନ ଘି କୁମାର, ମ୍ୟାନ ଅଫ୍ ଦ ମ୍ୟାଚ୍ ବବୁଲ ଓ ମ୍ୟାନ ଅଫ୍ ଦ ସିରିଜ୍ ହିପ ଜୁଲକୁ ଟ୍ରଫି ଦିଆଯାଇଥିଲା। ଅମ୍ପାୟାର ଭାବେ ବିଜୟ ସେଠୀ, ନିରଞ୍ଜନ ବାରିକ, ଦିଲୀପ ଶତପଥୀ ଦାୟିତ୍ୱ ତୁଲାଇଥିଲେ।

# 'ବୌଦ୍ଧ ବିହାର ବିକାଶ ପାଇଁ ଗୁରୁତ୍ୱ ଦିଆଯାଉ'

**ଭଣ୍ଡାରିପୋଖରୀ,୯।୧୧ (ଡି.ଏନ.ଏ)**

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ ଷୋଳମପୁର ବୌଦ୍ଧ ବିହାରର ପୁନରୁଦ୍ଧାର, ବିକାଶ ପାଇଁ ସାହିତ୍ୟିକ, ଗବେଷକ ବିଶ୍ୱମ୍ଭର ରାଉତଙ୍କ ତତ୍ତ୍ୱାବଧାନରେ ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ବାଲେଶ୍ୱର ସିମୁଳିଆ ସ୍ଥିତ ତାଙ୍କ ବାସଭବନରେ ୮ଟି ପ୍ରସ୍ତାବ ଥିବା ଏହି ସ୍ମାରକପତ୍ର ପ୍ରଦାନ କରାଯାଇଥିବା ବେଳେ ମନ୍ତ୍ରୀ ପାଣିଗ୍ରାହୀ ଖୁବ୍‌ଶୀଘ୍ର ବୌଦ୍ଧ ବିହାର ପରିଦର୍ଶନ କରିବା ସହିତ ଏହାର ବିକାଶ ଦିଗରେ ପଦକ୍ଷେପ ନେବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଐତିହାସିକ ରାଣୀପୋଖରୀ ମଧ୍ୟରେ ବୁଡ଼ି ରହିଥିବା ଏକ ବିଶାଳ ବୁଦ୍ଧ ପ୍ରତିମାର ଉଦ୍ଧାର, ମାଟି ତଳେ ପୋତି ହୋଇ ରହିଥିବା ବୌଦ୍ଧସ୍ତୁପର ପୁନରୁଦ୍ଧାର, ରତ୍ନଗିରି ବୌଦ୍ଧ ବିଶ୍ୱବିଦ୍ୟାଳୟ ସଦୃଶ ଷୋଳମପୁର ବୌଦ୍ଧବିହାର ବିଶ୍ୱବିଦ୍ୟାଳୟ 'ମୁଖଶାଳା'ର ସଂରକ୍ଷଣ, ଷୋଳମପୁର ଅଞ୍ଚଳରେ ବିକ୍ଷିପ୍ତ ଭାବେ ରହିଥିବା ବୌଦ୍ଧ ପ୍ରତିମାଗୁଡ଼ିକୁ ସଂଗ୍ରହାଳୟକୁ ସ୍ଥାନାନ୍ତର, ଚୋରି ହୋଇଥିବା ଦୁର୍ଲଭ ବୌଦ୍ଧ ପ୍ରତିମାଗୁଡ଼ିକୁ ଉଦ୍ଧାର, ଉପଯୁକ୍ତ ଆଲୋକୀକରଣ, ସିସିଟିଭି ସ୍ଥାପନ ସହ ଜଗୁଆଳି ବ୍ୟବସ୍ଥା, ଭଦ୍ରକ ଜିଲା ପର୍ଯ୍ୟଟନ ମାନଚିତ୍ରରେ ଷୋଳମପୁର ବୌଦ୍ଧ ବିହାରକୁ ସ୍ଥାନିତ କରାଯିବା, ଉକ୍ତ ଅଞ୍ଚଳକୁ ରାସ୍ତା ନିର୍ମାଣ ସହ ରାଜପଥରେ ବୌଦ୍ଧବିହାର ସୂଚନା ଫଳକ ସ୍ଥାପନ କରାଯିବା ନେଇ ପ୍ରସ୍ତାବ ରହିଛି। ମନ୍ତ୍ରୀଙ୍କୁ ସ୍ମାରକପତ୍ର ପ୍ରଦାନ ସମୟରେ ଗ୍ରାମର କମଳାକାନ୍ତ ନାୟକ, ଜ୍ଞାନରଞ୍ଜନ ସେଠୀ, ଉମାକାନ୍ତ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ସ୍ଥାନୀୟ ବିଧାୟକ ପ୍ରଫୁଲ୍ଲ ସାମଲଙ୍କ ସହ ଆଲୋଚନା ପୂର୍ବକ ଚଳିତବର୍ଷ ଏହି ଆବଶ୍ୟକତା ପୂରଣ କରିବା ପାଇଁ ମନ୍ତ୍ରୀ ପ୍ରତିଶ୍ରୁତି ଦେଇଛନ୍ତି।



ପର୍ଯ୍ୟଟନ ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଉଛି।

# ସୋସିଆଲ ମିଡିଆରୁ ମିଳିଲା ଶିଶୁଙ୍କ ପରିଚୟ

**ଯୋଡା, ୯।୧୧(ଡି.ଏନ.ଏ.)**

କେନ୍ଦୁଝର ଜିଲା ଯୋଡା ଥାନା ଅନ୍ତର୍ଗତ ରୋଇଡା ଜଙ୍ଗଲ ନିକଟରୁ ଏକ ଆଠ ବର୍ଷ ଶିଶୁକୁ ଯୋଡା ପୋଲିସ ଅକ୍ଟୋବର ୧୯ ତାରିଖରେ ଉଦ୍ଧାର କରିଥିଲା। ନିଜ ଘର ଠିକଣା କହିପାରୁ ନ ଥିବାରୁ ପୋଲିସ ଚାଇଲ୍ଡ ୱେଲଫେୟାର ସେଣ୍ଟରରେ ଶିଶୁଟିକୁ ଛାଡି ଜିଲାର ବିଭିନ୍ନ ପୋଲିସ ଷ୍ଟେସନରେ ଶିଶୁର ଫଟୋଟିକୁ ଛାଡିଥିଲା। ଏହା ସତ୍ତ୍ୱେ ମଧ୍ୟ ଶିଶୁଟିର ପରିବାର ସମ୍ପର୍କରେ କୌଣସି ଠିକଣା ମିଳିପାରି ନଥିଲା। ସୋସିଆଲ ମିଡିଆ ଜରିଆରେ ଶିଶୁଟିର ଫଟୋ ଛାଡିବା ପରେ ସୁଦୂର ଝାଡଖଣ୍ଡ ରାଜ୍ୟର ଶିଶୁଟି ବୋଲି ଜଣାପଡିଥିଲା। ଏନେଇ ଯୋଡା ଥାନା ଅଧିକାରୀ ରାଇସେନ ମୁର୍ମୁ କହିଛନ୍ତି ଯେ, ଝାଡଖଣ୍ଡ ରାଜ୍ୟର ଜଗନ୍ନାଥପୁର ଅଞ୍ଚଳର ଆମଜରା ଗ୍ରାମରେ ଉକ୍ତ ଶିଶୁଙ୍କ ଘର। ବଡ ଭଉଣୀ ବେଲମତି ହେଁସା ନିଜର ଭାଇକୁ ଚିହ୍ନି ଫୋନ୍ କରିଥିଲେ। ଫଳରେ ଶିଶୁଟି ନିଜ ଘର ଠିକଣା ପାଇପାରିଥିଲା।

# ହାଟଡିହୀରେ ଖୋଲିଲା ଚିଲ୍‌ଡ୍ରେନ ପାର୍କ

**ହାଟଡିହୀ, ୯।୧୧(ଡି.ଏନ.ଏ.)**

କେନ୍ଦୁଝର ଜିଲା ହାଟଡିହୀ ବ୍ଲକ ସଢା ପଞ୍ଚାୟତର ସରପଞ୍ଚ ଜୟନ୍ତୀ ସାମଲଙ୍କ ତତ୍ତ୍ୱାବଧାନରେ ପ୍ରଥମ କରି ବରଗଡିଆ ଠାରେ ଏକ ଚିଲଡ୍ରେନ ପାର୍କ ନିର୍ମାଣ ହୋଇଛି। ଦୁଇ ଏକରରୁ ଊର୍ଦ୍ଧ୍ୱ ପରିମିତ ଏରିଆରେ ପାର୍କ ନିର୍ମାଣ କାର୍ଯ୍ୟ କରାଯାଇଛି। ପାର୍କ ମଧ୍ୟରେ ଦୋଳି, ମର୍ଣ୍ଣିଂ ୱାର୍କ ପାଇଁ ଫୁଟ୍‌ପାଥ୍, ସୁଇମିଙ୍ଗ ପୁଲ, ଶୌଚାଳୟ, ଆଲୋକିକରଣ, ସିଟିଙ୍ଗ ଚେୟାର, ଛୋଟ ଛୁଆଙ୍କ ଖେଳକୁଦ ଓ ମନୋରଞ୍ଜନ ପାଇଁ ବିଭିନ୍ନ ପଶୁ ପକ୍ଷୀଙ୍କ ପ୍ରତିମୂର୍ତ୍ତିର ବ୍ୟବସ୍ଥା ମଧ୍ୟ ହୋଇଛି। ପ୍ରାତଃ ଭ୍ରମଣ ଓ ଅବସର ବିନୋଦନ ଲାଗି ସବୁ ବର୍ଗର ଲୋକଙ୍କ ପାଇଁ ବ୍ୟବସ୍ଥା ମଧ୍ୟ ହୋଇଛି। ବିଶେଷକରି ବ୍ଲକ ଅଧୀନ ଉକ୍ତ ପଞ୍ଚାୟତରେ ପ୍ରଥମ କରି ନିର୍ମାଣ ହୋଇଥିବା ଏହି ଚିଲଡ୍ରେନ ପାର୍କ ଅନ୍ୟ ପଞ୍ଚାୟତ ଲାଗି ଉଦାହରଣ ସୃଷ୍ଟି କରି ପାରିଛି। ପଞ୍ଚାୟତ ପାଣ୍ଠି ଓ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଯୋଜନାରେ ଅନୁଦାନ ଖର୍ଚ୍ଚ ହୋଇ ଚିଲଡ୍ରେନ ପାର୍କ କାର୍ଯ୍ୟ ହୋଇଥିବା ବେଳେ ପାଖାପାଖି ୧୬ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇ ସାରିଛି। ପାର୍କଟିକୁ ଆହୁରି ସୁନ୍ଦର ଓ ଆକର୍ଷଣୀୟ କରିବା ପାଇଁ ଆହୁରି ୨୦ ଲକ୍ଷ ଟଙ୍କାର ଆବଶ୍ୟକତା ଅଛି ବୋଲି ଯନ୍ତ୍ରୀ ଜ୍ୟୋତି ରଞ୍ଜନ ସାମନ୍ତରାୟ ସୂଚନା ଦେଇଛନ୍ତି।



ଆହୁରି ମଧ୍ୟ ସଢା, ନାହା, ମୀଠୀଗାଁ, ମଉଦାଠାରେ ଚିଲଡ୍ରେନ ପାର୍କ ନିର୍ମାଣ ପାଇଁ ପ୍ରସ୍ତାବ ଦିଆଯାଇଛି। ଖୁବ ଶୀଘ୍ର ଏହାର ନିର୍ମାଣ କାର୍ଯ୍ୟ ଆରମ୍ଭ ହେବ ବୋଲି ସରପଞ୍ଚ ସାମଲ କହିଛନ୍ତି।

# ଭଙ୍ଗା କୁଡ଼ିଆରେ ବିତୁଛି ଜୀବନ

**ଚିତ୍ରଡ଼ା,୯।୧୧(ଡି.ଏନ୍.ଏ.)**

ମୟୂରଭଞ୍ଜ ଜିଲା ମୋରଡ଼ା ବ୍ଲକ ଅଧୀନ ଗୋଡ଼ିଆ ପଞ୍ଚାୟତର ରବୀନ୍ଦ୍ର ମହାକୁଡ଼ଙ୍କ ପରିବାର ସରକାରୀ ଯୋଜନାରୁ ବଞ୍ଚିତ ହୋଇ ଅସହାୟ ଭାବେ ଜୀବନ ଅତବାହିତ କରୁଛନ୍ତି। ଅଭାବ ଅନଟନ ଦେଇ ଗତି କରୁଥିବା ଏହି ପରିବାର ପାଇଁ ସରକାରଙ୍କ ଆବାସ ଯୋଜନା ସାତ ସପନ ପାଲଟିଛି। ବର୍ଷା, ଖରା ଓ ଝଡ଼ତୋଫାନରୁ ରକ୍ଷା ପାଇବା ନିମନ୍ତେ ପକ୍କାଘର ଖଣ୍ଡିଏ ପାଇଁ ପଞ୍ଚାୟତ କାର୍ଯ୍ୟାଳୟରେ ସେ ବାରମ୍ବାର ଆପତ୍ତି ଅଭିଯୋଗ କରିଆସୁଥିଲେ ହେଁ ତାଙ୍କୁ ଆବାସ ଗୃହ ଖଣ୍ଡିଏ ମିଳିପାରିନାହିଁ। ଫଳରେ ଝାଟିମାଟି ଚାଳଛପର ତଳେ ୭ ପ୍ରାଣୀ କୁଟୁମ୍ବଙ୍କୁ ନେଇ ସେ ବହୁ କଷ୍ଟରେ ଚଳୁଛନ୍ତି। ସ୍ୱଳ୍ପ ରୋଜଗାର ଓ ଆର୍ଥିକ ଅନଟନ ଯୋଗୁ ପକ୍କାଘର ନିର୍ମାଣ କରିବା ଦୂରର କଥା ଚାଳ ଘରକୁ ଛପର କରିବା ପାଇଁ ତାଙ୍କ ପାଖରେ ସମ୍ବଳ ନାହିଁ। ବର୍ଷାରୁ ରକ୍ଷା ପାଇବା ପାଇଁ ଧାରକରଜ କରି ପଲିଥିନ ସଂଗ୍ରହ କରି ଘର ଉପରେ ପକାଇଛନ୍ତି। ତାଙ୍କର ଚାଷଜମି ନ ଥିବା ବେଳେ କେବଳ ଘରଡ଼ିହ ଖଣ୍ଡିଏ ରହିଛି। ଦୀପ ତଳ ଅନ୍ଧାର ପରି ରବୀନ୍ଦ୍ରଙ୍କ ଘରଟି ଗୋଡ଼ିଆ ପଞ୍ଚାୟତ ଅଫିସ ସାମ୍ନାରେ ରହିଥିବା ବେଳେ ଏଥିପ୍ରତି କାହାର ନଜର ପଡୁନି। ରବୀନ୍ଦ୍ର ଓ ତାଙ୍କ ସ୍ତ୍ରୀ ମୂଲ ମଜୁରି କରି ଗୁଜୁରାଣ ମେଟାନ୍ତି। ଉକ୍ତ ପଞ୍ଚାୟତରେ ପକ୍କା ଘର ଥାଇ ମଧ୍ୟ ଲୋକେ ପ୍ରଧାନମନ୍ତ୍ରୀ ଆବାସ ହାତେଇ ଥିବା ବେଳେ ରବୀନ୍ଦ୍ରଙ୍କ ପରି ଅନେକ ଗରିବ ଲୋକ ଏହି ଆବାସ ଯୋଜନାରୁ ବଞ୍ଚିତ ହେଉଥିବା ଚର୍ଚ୍ଚା ହେଉଛି। ଏନେଇ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ମଙ୍ଗୁଲୁ ଧଳଙ୍କୁ ପଚାରିବାରୁ ସେ ବର୍ତ୍ତମାନ ନୂତନ ଭାବେ ପଞ୍ଚାୟତର କାର୍ଯ୍ୟଭାର ଗ୍ରହଣ କରିଛନ୍ତି ଏବଂ ସେ ସେହି ପରିବାର ବିଷୟରେ ଜାଣିଛନ୍ତି। ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ରବୀନ୍ଦ୍ରଙ୍କ ନାମ ରହିଛି। ତାଙ୍କୁ କିପରି ଶୀଘ୍ର ଘର ମିଳିପାରିବ ସେନେଇ ଚେଷ୍ଟା କରିବେ ବୋଲି ପ୍ରକାଶ କରିଛନ୍ତି।



ଭଙ୍ଗା କୁଡ଼ିଆ ସମ୍ମୁଖରେ ରବୀନ୍ଦ୍ର ଓ ତାଙ୍କ ପରିବାର।

# ଉପନିର୍ବାଚନ: ଗଣତି ପାଇଁ କଡ଼ା ସୁରକ୍ଷା

ବାଲେଶ୍ୱର ଅଫିସ, ୯।୧୧

ବାଲେଶ୍ୱର ଉପନିର୍ବାଚନ ଭୋଟଗଣତି ମଙ୍ଗଳବାର ପୂର୍ବାହ୍ନ ୮ଟାରୁ ଆରମ୍ଭ ହେବ। ୧୪ଟି ଟେବୁଲ ବ୍ୟବସ୍ଥା ସହ ମୋଟ ୨୫ ରାଉଣ୍ଡ ଗଣତି ହେବ। କୋଭିଡ୍ ନିୟମ ମାନି ପ୍ରଥମେ ପୋଷ୍ଟାଲ ବାଲାଟ୍ ପେପର ଓ ପରେ ଇଭିଏମ୍‌ରୁ ଗଣତି କରାଯିବ। ଗଣତିକେନ୍ଦ୍ରରେ ତ୍ରିସ୍ତରୀୟ ସୁରକ୍ଷା ବ୍ୟବସ୍ଥା ସହ ପ୍ରତି ରାଉଣ୍ଡ ଅନୁସାରେ ଫଳାଫଳ ଜଣାଯିବା ବ୍ୟବସ୍ଥା କରାଯାଇଛି।

ସୁରକ୍ଷା ଦୃଷ୍ଟିରୁ ଫାଣ୍ଡି ଛକରୁ ଟେକ୍ନିକାଲ ସ୍କୁଲ ଛକ ଓ ଝାଡ଼େଶ୍ୱର ମନ୍ଦିର ନିକଟରୁ ଉପଜିଲାପାଳ ଅଫିସ୍ ପର୍ଯ୍ୟନ୍ତ ନିଷିଦ୍ଧାଞ୍ଚଳ ଜୋନ୍ ଘୋଷଣା କରାଯାଇଛି। ଜିଲାପାଳଙ୍କ ଅଫିସ୍ ସମ୍ମୁଖ ଗେଟ୍ ନିକଟରେ କେବଳ


ଭୋଟଗଣତି ପାଇଁ ଜିଲା ପ୍ରଶାସନ ଅଧିକାରୀଙ୍କ ଆଲୋଚନା ଓ ତଦାରଖ।

ଅନୁମତିପ୍ରାପ୍ତ ବ୍ୟକ୍ତିଙ୍କୁ ଛାଡ଼ିବା ସହ ବାହାର ଗଣ୍ଡଗୋଳକୁ ନିୟନ୍ତ୍ରଣ କରିବା ପାଇଁ ଫୋର୍ସ ନିୟୋଜିତ କରାଯାଇଛି। ଜିଲାପାଳଙ୍କ ଅଫିସ୍ ନିକଟରେ ଥିବା ଚେକିଂ ପଏଣ୍ଟରେ କାହାରିକୁ ମୋବାଇଲ ସହ ନ ଛାଡ଼ିବା ବ୍ୟବସ୍ଥା କରାଯାଇଛି। କାଉଣ୍ଟିଂ ସେଣ୍ଟରରେ ସେଣ୍ଟ୍ରାଲ ଫୋର୍ସ ସହିତ ଜିଲା ପୋଲିସ୍ ୨ପ୍ଲାଟୁନ୍ ଏବଂ ଜଣେ ଡିଏସ୍‌ପିଙ୍କୁ ନିୟୋଜିତ କରାଯାଇଛି। ନିର୍ବାଚନ ଗଣତି ପାଇଁ ମୋଟ୍ ୭ ପ୍ଲାଟୁନ୍ ଫୋର୍ସ ସହ ଜଣେ ଅତିରିକ୍ତ ଜିଲା ଆରକ୍ଷୀ ଅଧୀକ୍ଷକ, ୫ ଡିଏସ୍‌ପି, ୧୦ ଇନ୍ସପେକ୍ଟର, ୩୦ ସବ୍‌ଇନ୍ସପେକ୍ଟର ଓ ଆସିଷ୍ଟାଣ୍ଟ ସବ୍‌ଇନ୍ସପେକ୍ଟର ନିୟୋଜିତ କରାଯାଇଛି। ଗଣମାଧ୍ୟମ ପ୍ରତିନିଧିଙ୍କୁ ନିର୍ଦ୍ଧାରିତ ଗ୍ରୁପ୍ ଏବଂ ସମୟସୀମାରେ ଭିତରକୁ ଛଡ଼ାଯିବାର ବ୍ୟବସ୍ଥା ହୋଇଛି। ଗତ ୩ ତାରିଖରେ ଉପନିର୍ବାଚନ ଶେଷ ହୋଇଥିଲା। ନିର୍ବାଚନମଣ୍ଡଳୀର ୨୬ ପଞ୍ଚାୟତ ଓ ପୌରାଞ୍ଚଳର ୩୧ ୱାର୍ଡକୁ ନେଇ ମୋଟ୍ ଭୋଟର ୨ଲକ୍ଷ ୩୦ହଜାର ୨୯୭ ମଧ୍ୟରୁ ୭୧% ଅର୍ଥାତ୍ ୧ଲକ୍ଷ ୬୨ହଜାର ୮୦୫ ମତଦାନ କରିଥିଲେ। ଏଥିସହିତ ପୋଷ୍ଟାଲ ବାଲାଟ୍ ପେପରରେ ମଧ୍ୟ ୩ହଜାର ମତଦାନ ହୋଇଥିବା ଆଶା କରାଯାଉଛି। ଗଣତିରେ ୬ଜଣ ପ୍ରାର୍ଥୀଙ୍କ ଭାଗ୍ୟ ନିର୍ଦ୍ଧାରଣ ହେବ।

## ସଂକ୍ଷେପରେ

### କରୋନା ମୃତ୍ୟୁ ସଂଖ୍ୟା ବଢୁଛି

କେନ୍ଦୁଝର, ୯।୧୧ (ସ୍ୱ.ପ୍ର.): କେନ୍ଦୁଝର ଜିଲାରେ କରୋନା ସଂକ୍ରମଣ ସଂଖ୍ୟା କମୁଛି ତେବେ ମୃତ୍ୟୁ ସଂଖ୍ୟା ବଢୁଥିବାରୁ ସାଧାରଣରେ ଚିନ୍ତାର ବିଷୟ ହୋଇଛି। ସୋମବାର ଦିନ ମିଳିଥିବା ତଥ୍ୟ ଅନୁଯାୟୀ ଗତ ୨୪ ଘଣ୍ଟାରେ ଜିଲାରେ ୪୦ କରୋନା ପଜିଟିଭ ଚିହ୍ନଟ ହୋଇଥିବା ବେଳେ ସମସ୍ତେ ଲୋକାଲ କଣ୍ଟାକ୍ଟ କେସ୍ ବୋଲି ଜଣାପଡିଛି। ସୋମବାର କରୋନା ସଂକ୍ରମଣରେ ଚିକିତ୍ସାଧୀନ ଥିବା ୩ ଜଣଙ୍କ ମୃତ୍ୟୁ ହୋଇଛି। ଏହାକୁ ମିଶାଇ ସମୁଦାୟ ସଂକ୍ରମଣ ସଂଖ୍ୟା ୬୭୯୮ରେ ପହଞ୍ଚିଥିବାବେଳେ ସମୁଦାୟ ମୃତ୍ୟୁ ସଂଖ୍ୟା ୨୬ରେ ପହଞ୍ଚିଛି। ୬୩୯୪ ଜଣ ଚିକିତ୍ସିତ ହେବା ପରେ ସୁସ୍ଥ ହୋଇ ଘରକୁ ଫେରିଛନ୍ତି। ୩୭୮ ଜଣ ଚିକିତ୍ସାଧୀନ ଥିବା ଜଣାପଡିଛି। ଶେଷ ୨୪ ଘଣ୍ଟା ମଧ୍ୟରେ ୨୦୩୫ ଜଣଙ୍କ କରୋନା ଟେଷ୍ଟ କରାଯାଇଥିବା ଜଣାପଡିଛି। ମୃତ ମାନଙ୍କ ମଧ୍ୟରୁ ସଦର ବ୍ଲକର ୮୦ ବର୍ଷିୟ ମହିଳା, ଚମ୍ପୁଆ ବ୍ଲକର ୫୫ ବର୍ଷିୟ ପୁରୁଷ ଓ ଆନନ୍ଦପୁର ପୌରପାଳିକାର ୩୫ ବର୍ଷିୟ ଯୁବକ ରହିଥିବା ଜଣାପଡିଛି। ଚମ୍ପୁଆ ବ୍ଲକରେ ଗତ ୨୪ ଘଣ୍ଟାରେ ସର୍ବାଧିକ ୧୫ ଲୋକାଲ କଣ୍ଟାକ୍ଟ କେସ ଚିହ୍ନଟ ହୋଇଥିବା ବେଳେ ହରିଚନ୍ଦନପୁର ବ୍ଲକ ଅଞ୍ଚଳରେ ୧୦ ଜଣ ଚିହ୍ନଟ ହୋଇଛନ୍ତି।

### ବାଇକ୍ ଡିକି ଭାଙ୍ଗି ଟଙ୍କା ଚୋରି

ଯୋଡା, ୯।୧୧(ଡି.ଏନ.ଏ): କେନ୍ଦୁଝର ଜିଲା ଯୋଡା ସ୍ଥିତ ଟିସ୍କ ଗେଟ୍ ନିକଟରେ ସୋମବାର ଅପରାହ୍ନରେ ଏକ ବାଇକ ଡିକି ଭାଙ୍ଗି ୩୦ ହଜାର ଟଙ୍କା ଚୋରି ହୋଇଥିବା ଯୋଡା ଥାନାରେ ଲିଖିତ ଅଭିଯୋଗ କରାଯାଇଛି। ପୋଲିସ ସୂଚନା ଅନୁଯାୟୀ, ଜୁରୁଡିର ଶ୍ରବଣ କୁମାର ଯୋଡା ଷ୍ଟେଟ ବ୍ୟାଙ୍କରୁ ଉକ୍ତ ଟଙ୍କା ଉଠାଇ ବାଇକ ଡିକିରେ ରଖିଥିଲେ। ସେ ଯୋଡା ଜୁରୁଡି ରାସ୍ତାରେ ଯାଉଥିବା ସମୟରେ ଟିସ୍କ ମେନ୍ ଗେଟ୍‌ରେ ବାଇକ ରଖି ନିକଟସ୍ଥ ଦୋକାନକୁ ଯାଇଥିଲେ। ଦୋକାନରୁ ଫେରି ଦେଖିଲା ବେଳକୁ ତାଙ୍କ ବାଇକ ଡିକି ଭଙ୍ଗାଯାଇ ଟଙ୍କା ଚୋରି ହୋଇ ଯାଇଛି। ଏ ନେଇ ଯୋଡା ପୋଲିସ ଏକ ମାମଲା (ନଂ.୧୫୭/୨୦୨୦) ରୁଜୁ କରି ତଦନ୍ତ ଆରମ୍ଭ କରିଛି।

### କାଠ ବୋଝେଇ ପିକ୍‌ଅପ୍ ଜବତ

ପାଟଣା, ୯।୧୧(ସ୍ୱ.ପ୍ର.): କେନ୍ଦୁଝର ଜିଲା ପାଟଣା ବନବିଭାଗ ପକ୍ଷରୁ ରବିବାର ବିଳମ୍ବିତ ରାତିରେ ପାଟଣା ବୈତରଣୀ ନଦୀ ପୋଲ ଉପରୁ ଏକ ଚୋରା ଶାଳ ଚୌକାଠ ବୋଝେଇ ପିକ୍‌ଅପ୍‌କୁ ଜବତ କରାଯାଇଛି। ଏଥିରୁ ମୋଟ ୩୫ଟି ଚୌକାଠ ଜବତ ହୋଇଛି। ଜବତ କାଠର ଆନୁମାନିକ ମୂଲ୍ୟ ୪୦ହଜାର ଟଙ୍କାରୁ ଉର୍ଦ୍ଧ୍ୱ ହେବ ବୋଲି ପାଟଣା ରେଞ୍ଜର ପବିତ୍ର ମୋହନ ନାଏକ କହିଛନ୍ତି। ଚୋରା ଶାଳ କାଠ ବୋଝେଇ ଗାଡିଟି ଚଢେଇଭୋଳରୁ ବେଗେନା ଦେଇ ପାଟଣା ଅଭିମୁଖେ ଆସୁଥିବା ବେଳେ ପାଟଣା ବୈତରଣୀ ନଦୀର ପୋଲ ଉପରେ ଗାଡିଟିକୁ ବନ ବିଭାଗ ଧରିଥିଲା। ଅନ୍ଧାର ର ସୁଯୋଗ ନେଇ କାଠ ମାଫିଆ ମାନେ ଦୌଡ଼ି ଫେରାର ହୋଇଯିବାକୁ ସକ୍ଷମ ହୋଇଥିଲେ।


କେନ୍ଦୁଝରରେ ଶୀତରୁ ରକ୍ଷା ପାଇବା ପାଇଁ ଲୋକେ ନିଆଁ ପୋଉଁଛନ୍ତି।

# ଠିକା କର୍ମଚାରୀଙ୍କ ଅନଶନ

ଭଦ୍ରକ ଅଫିସ,୯।୧୧

ଭଦ୍ରକ ପୌରପାଳିକା କାର୍ଯ୍ୟାଳୟ ସମ୍ମୁଖରେ ସୋମବାର ଶତାଧିକ ମହିଳା ଓ ପୁରୁଷ ଠିକା କର୍ମଚାରୀ ଅନଶନ କରିଥିଲେ। ପୌରପାଳିକା ଅଧୀନରେ ଠିକା କର୍ମଚାରୀ ଭାବେ କାର୍ଯ୍ୟରତ ଝାଡୁଦାର, ଡ୍ରାଇଭର, ଇଲେକ୍ଟ୍ରିସିଆନ, କାର୍ଯ୍ୟାଳୟରେ କାର୍ଯ୍ୟରତ ପିଅନ, ରାତ୍ରି ଜଗୁଆଳି ଓ ସୁରକ୍ଷା କର୍ମୀମାନେ ଅନଶନରେ ସାମିଲ ଥିଲେ। ଅଭିଯୋଗ ଅନୁଯାୟୀ, ଏହି ଠିକା କର୍ମଚାରୀମାନେ ଆଉଟସୋର୍ସିଂ ଏଜେନ୍ସି ମାଧ୍ୟମରେ ଦୀର୍ଘବର୍ଷ ଧରି କାର୍ଯ୍ୟ କରି ଆସୁଛନ୍ତି। ହେଲେ ସେମାନଙ୍କ ଇପିଏଫ୍, ଇଏସ୍‌ଆଇ ବାବଦ ଦେୟ ମାସିକ ଦରମା ସମୟରେ କଟା ଯାଉଥିଲେ ମଧ୍ୟ ନିର୍ଦ୍ଦିଷ୍ଟ କାର୍ଯ୍ୟାଳୟରେ ଜମା କରାଯାଉ ନାହିଁ। ସେହିପରି ଦୀର୍ଘବର୍ଷ ଧରି ସେମାନେ ଠିକା କର୍ମଚାରୀ ଭାବେ କାମ କରିଆସୁଥିବା ବେଳେ ଦରମା ବଢ଼ାଯାଉ ନାହିଁ କି ସେମାନଙ୍କୁ ପୌରପାଳିକା ପକ୍ଷରୁ ସ୍ଥାୟୀ ନିଯୁକ୍ତିର ମାନ୍ୟତା ଦିଆଯାଉ ନାହିଁ। ଏଣୁ ସେମାନେ ୨/୩ ଦିନ ଧରି କାର୍ଯ୍ୟ ବନ୍ଦ କରିଥିଲେ। ସୋମବାର ପୌରପାଳିକା କାର୍ଯ୍ୟାଳୟ ସମ୍ମୁଖରେ ଏକାଠି ହୋଇ ଦାବି କରିବା ପରେ ପୌର କର୍ତ୍ତୃପକ୍ଷ ଆଲୋଚନା କରାଯାଇ ସମାଧାନ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏହାପରେ ଅନଶନ ପ୍ରତ୍ୟାହୃତ ହୋଇଥିଲା। ତେବେ ଦାବି ପୂରଣ ନ ହେଲେ ପୁନଃ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦିଆଯାଇଛି।


ପୌରପାଳିକା କାର୍ଯ୍ୟାଳୟ ସମ୍ମୁଖରେ ଅନଶନରେ ବସିଛନ୍ତି ଠିକା କର୍ମଚାରୀ।

## ଉନ୍ନୟନ କାର୍ଯ୍ୟର ସମୀକ୍ଷା କଲେ ଜିଲାପାଳ

ରାଇରଙ୍ଗପୁର,୯।୧୧(ଡ଼ି.ଏନ୍.ଏ.)

ମୟୂରଭଞ୍ଜ ଜିଲା ରାଇରଙ୍ଗପୁର ଉପ ଜିଲାପାଳଙ୍କ କାର୍ଯ୍ୟାଳୟରେ ସୋମବାର ଜିଲାପାଳ ବିନୀତ ଭରଦ୍ୱାଜ ବାମନଘାଟି ଓ କପ୍ତିପଦା ଉପଖଣ୍ଡ ଉନ୍ନୟନ କାର୍ଯ୍ୟର ସମୀକ୍ଷା କରିଛନ୍ତି। ଏହି ବୈଠକରେ ରାଇରଙ୍ଗପୁର ଉପ ଜିଲାପାଳ ଧର୍ମାନନ୍ଦ ବେହେରା, ମୟୂରଭଞ୍ଜ ଜିଲା ଗ୍ରାମ୍ୟ ଉନ୍ନୟନ ପ୍ରକଳ୍ପ ପ୍ରଶାସକ ଭବେଶ କୁମାର ନାୟକ, ଦୁଇ ସବ୍ ଡିଭିଜନ ଅଧୀନ ବିଭିନ୍ନ ବ୍ଲକର ବିଡିଓ, ଗ୍ରାମ୍ୟ ଜଳଯୋଗାଣ ପ୍ରକଳ୍ପ ଓ ପୂର୍ତ୍ତ ବିଭାଗ ନିର୍ବାହୀ ଯନ୍ତ୍ରୀ, ରାଇରଙ୍ଗପୁର ପୌର ପରିଷଦ ଓ କରଞ୍ଜିଆ ଏନଏସିର ନିର୍ବାହୀ ଅଧିକାରୀଙ୍କ ସମେତ ବିଭିନ୍ନ ବିଭାଗୀୟ ସହକାରୀ ଯନ୍ତ୍ରୀମାନେ ଉପସ୍ଥିତ ଥିଲେ।

## ଦୁର୍ଘଟଣାରେ ଯୁବକ ମୃତ

ଭୋଗରାଇ, ୯।୧୧(ଡି.ଏନ.ଏ.)

ବାଲେଶ୍ୱର ଜିଲା ଭୋଗରାଇ ଥାନା ଅଧୀନ ବନାବସାଣ-ତେଘରି ଗ୍ରାମର ହରିପଦ ଗିରି ନାମକ ଯୁବକ ସଡ଼କ ଦୁର୍ଘଟଣାରେ ରବିବାର ପ୍ରାଣ ହରାଇଛନ୍ତି। ସେ ଦୀଘାରୁ ବାଇକ୍‌ରେ ଘରକୁ ଫେରୁଥିବା ବେଳେ ଚନ୍ଦନେଶ୍ୱର ଫାଣ୍ଡି ନିକଟରେ ଭାରସାମ୍ୟ ହରାଇ ଛିଡ଼ା ହୋଇଥିବା ଏକ ଯନ୍ତ୍ରଚାଳିତ ରିକ୍ସାକୁ ଧକ୍କା ଦେଇଥିଲେ। ଫଳରେ ସେ ନିଜେ ଗାଡ଼ିରୁ ଛିଟ୍‌କି ପଡ଼ିବାରୁ ତାଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା। ହରିପଦଙ୍କୁ ପ୍ରଥମେ ୧୦୮ ଆମ୍ବୁଲାନ୍ସ ଯୋଗେ ପ୍ରଥମେ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଓ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ସେଠାରେ ଯୁବକଙ୍କ ଅବସ୍ଥା ସଙ୍କଟାପନ୍ନ ହେବାରୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଉଥିବା ବେଳେ କମର୍ଦ୍ଦା ବାଟରେ ତାଙ୍କର ପ୍ରାଣହାନି ଘଟିଥିଲା। ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଶବକୁ ବ୍ୟବଚ୍ଛେଦ କରି ପରିବାରକୁ ହସ୍ତାନ୍ତର କରିଛି।

# ୧୧ ମାସ ହେଲା ମିଳିନି ପାରିଶ୍ରମିକ



ଧାରଣାରେ ବସିଥିବା ସ୍ୱେଚ୍ଛାସେବୀମାନେ।

ବାରିପଦା ଅଫିସ,୯।୧୧

ମୟୂରଭଞ୍ଜ ଜିଲାର ୨୬ଟି ବ୍ଲକ ଅନ୍ତର୍ଗତ ବିଭିନ୍ନ ପଞ୍ଚାୟତରେ କାର୍ଯ୍ୟରତ ଭାରତ ନିର୍ମାଣ ସ୍ୱେଚ୍ଛାସେବୀ (ବିଏନଭି)ଙ୍କୁ ସମ୍ପୃକ୍ତ ସ୍ୱେଚ୍ଛାସେବୀ ସଙ୍ଗଠନ ପକ୍ଷରୁ ୧୧ମାସ ହେଲା ପାରିଶ୍ରମିକ ମିଳିନି। ଏନେଇ ସୋମବାର ସେମାନେ ଜିଲାପାଳଙ୍କଠାରେ ଅଭିଯୋଗ କରିଛନ୍ତି। ରାମ ଟୁଡୁଙ୍କ ନେତୃତ୍ୱରେ ଜିଲାର ଶତାଧିକ କାର୍ଯ୍ୟରତ ସ୍ୱେଚ୍ଛାସେବୀ ଜିଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ(ଡିଏସ୍‌ଏସ୍‌ଓ) କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଓ ବିକ୍ଷୋଭ ପ୍ରଦର୍ଶନ ସହ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରଥିଲେ। ବ୍ଲକରେ ଡିଏସ୍‌ଏସ୍‌ଓ ବିଭାଗରେ ୧୩ଟି ନିୟମାବଳୀକୁ ନେଇ ସେମାନେ ଦୀର୍ଘ ୧୬ମାସ ହେଲା ସମାଜିକ କାର୍ଯ୍ୟ କରିଆସୁଛନ୍ତି । ଜିଲା ସଂଯୋଜକଙ୍କ ନିର୍ଦ୍ଦେଶରେ ପରିଚାଳିତ ହୋଇ ୨୦୧୯ ଜାନୁଆରୀଠାରୁ କାର୍ଯ୍ୟ କରୁଥିବା ବେଳେ ସ୍ୱେଚ୍ଛାସେବୀ ସଂସ୍ଥା ପକ୍ଷରୁ ସେମାନଙ୍କୁ ମାତ୍ର ୫ମାସର ପାରିଶ୍ରମିକ ଦିଆଯାଇଛି। ବଳକା ପ୍ରାପ୍ୟ ପାଇଁ ରାଜ୍ୟ ଓ ଜିଲା ସଂଯୋଜକଙ୍କ ନିକଟରେ ବାରମ୍ବାର ଅଭିଯୋଗ କରିବା ପରେ ମଧ୍ୟ କିଛି

**ଜିଲାପାଳଙ୍କୁ ଫେରାଦ ହେଲେ ସ୍ୱେଚ୍ଛାସେବୀ**

ସୁଫଳ ମିଳିପାରିନାହିଁ। ତେବେ ସରକାରଙ୍କ ଜନକଲ୍ୟାଣ ଯୋଜନା ଗୁଡ଼ିକର ସଫଳ ରୂପାୟନ ପାଇଁ ସମ୍ପୃକ୍ତ ସ୍ୱେଚ୍ଛାସେବୀ ସଙ୍ଗଠନ ଅଧୀନରେ କାର୍ଯ୍ୟ ନ କରି ଜିଲା ଡିଏସ୍‌ଏସ୍‌ଓ କାର୍ଯ୍ୟାଳୟ ଅଧୀନରେ କାର୍ଯ୍ୟ କରିବା ପାଇଁ ସେମାନଙ୍କୁ ଅନୁମତି ଦେବା ଲାଗି ସ୍ୱେଚ୍ଛାସେବୀ ଖଗେଶ୍ୱର କବି, ପୂର୍ଣ୍ଣଚନ୍ଦ୍ର ନାଏକ, ମନୋଜ ଦେହୁରୀ, ରବୀନ୍ଦ୍ର ବେହେରା, କୁଅଁର ବାସ୍କେ, ଅମ୍ବିକା ମହାନ୍ତି ପ୍ରମୁଖ ଦାବି କରିଛନ୍ତି ।

## କେନ୍ଦ୍ରମନ୍ତ୍ରୀଙ୍କ ଜନ୍ମଦିନରେ ସେବା ଦିବସ ଶୁଭାରମ୍ଭ

ବାଲେଶ୍ୱର ଅଫିସ,୯।୧୧

ବାଲେଶ୍ୱର ଏମ୍‌ପି ତଥା କେନ୍ଦ୍ର ଅଣୁ, କ୍ଷୁଦ୍ର ଏବଂ ମଧ୍ୟମଉଦ୍ୟୋଗ, ମତ୍ସ୍ୟ, ପ୍ରାଣୀବିକାଶ ଏବଂ ଗୋପାଳନ ରାଷ୍ଟ୍ରମନ୍ତ୍ରୀ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀଙ୍କ ୬୫ତମ ଜନ୍ମଦିନ ପାଳନ ଅବସରରେ ସୋମବାରଠାରୁ ସେବା ଦିବସ ଶୁଭାରମ୍ଭ ହୋଇଛି। ଜିଲା ଭାଜପା ଆନୁକୂଲ୍ୟରେ ଚିଡ଼ିଆପୋଲ ନିକଟସ୍ଥ ଏକ ଘରୋଇ କଲ୍ୟାଣ ମଣ୍ଡପଠାରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ସେହିପରି ଭୋଗରାଇ ଓ ବାହାବଳପୁରଠାରେ ମଧ୍ୟ ରକ୍ତଦାନ ଶିବିର କରାଯାଇଥିଲା। ଏହାସହିତ ବାହାବଳପୁର ଅଞ୍ଚଳରେ ଦୁଇଟି ସ୍ଥାନରେ ଚାରାରୋପଣ କରାଯାଇଛି। ସବୁଠି କେନ୍ଦ୍ରମନ୍ତ୍ରୀ ଷଡ଼ଙ୍ଗୀ ପହଞ୍ଚି ରକ୍ତଦାତାମାନଙ୍କୁ ଉତ୍ସାହିତ କରିଥିଲେ। କାର୍ଯ୍ୟକ୍ରମରେ ଜିଲାସଭାପତି ଉମାକାନ୍ତ ମହାପାତ୍ରଙ୍କ ସହିତ ରାଜ୍ୟ ସମ୍ପାଦିକା ଶିପ୍ରା ବାଜପେୟୀ, ବିଧାୟକ ପ୍ରାର୍ଥୀ ମାନସ କୁମାର ଦତ୍ତ, ଜିଲା ମିଡ଼ିଆ ସଂଯୋଜକ ଶ୍ରୀନିବାସ ପ୍ରଧାନ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଶୁଭଙ୍କର ମହାପାତ୍ର, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ଶୋଭନା ମହାନ୍ତି, ଜୋନାଲ୍ ମିଡ଼ିଆ ସଂଯୋଜକ ସତ୍ୟଜିତ୍ ମିଶ୍ର, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପର୍ଶୁରାମ ବେହେରା, ମହିଳା ମୋର୍ଚ୍ଚା ସଭାପତି କମଳା ବିନ୍ଧାଣୀ, ମହିଳା ମୋର୍ଚ୍ଚା ରାଜ୍ୟ ଉପସଭାପତି ସୁଷମା ରାଣୀ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ।

## ୫ ପଥର ବୋଝେଇ ଗାଡ଼ି ଜବତ,୪ ଗିରଫ

ଖଇରା, ୯।୧୧(ଡି.ଏନ.ଏ.)

**ଧରିତ୍ରୀ ପ୍ରଭାବ**

ଖଇରା ତହସିଲ ଅଧୀନ ଶାରୀଶୁଆ ପାହାଡ ପାଦଦେଶରେ ଥିବା କ୍ରଶରଗୁଡିକରୁ ରବିବାର ରାତିରେ ବେଆଇନ ଭାବେ ପଥର ଓ ଚିପ୍ସ ଚାଲାଣ ହେଉଥିବା ବେଳେ ଖଇରା ପୋଲିସ କୁପାରୀ-ଆଗରପଡା, କୁପାରୀ-ଶାରୀଶୁଆ ରାସ୍ତାରୁ ୩ଟ୍ରାକ୍ଟର ଓ ୨ ଟ୍ରକ ଜବତ କରିଛନ୍ତି । ୫ ଟ୍ରାକ୍ଟର ମାଲିକଙ୍କ ନାମରେ ମାମଲା(ନଂ.୨୨୪/୨୦, ୨୨୫/୨୦, ୨୨୬/୨୦, ୨୨୭/୨୦, ୨୨୮/୨୦) ରୁଜୁ କରାଯାଇଛି । ୪ ଡ୍ରାଇଭରଙ୍କୁ ପୋଲିସ ଗିରଫ କରିଛି । ଗୋଟିଏ ପଟେ ସମସ୍ତ ଖଣିରେ ୧୪୪ ଧାରା ଲାଗୁଥିବା ବେଳେ କେତେଜଣ କ୍ରଶର ମାଲିକ ଚୋରାରେ ପଥର ଖୋଳି ମାଲ ପରିବହନ କରୁଛନ୍ତି। ଏହାଛଡା ରବିବାର ରାତିରେ ୧ଶହରୁ ଉର୍ଦ୍ଧ୍ୱ ଛୋଟ ବଡ ଗାଡି ରାତିଅଧିଆ ପାହାଡକୁ ପ୍ରବେଶ କରିଥିବା ନେଇ କୁହାଯାଉଥିବା ବେଳେ ମାତ୍ର ୫ଟି ଗାଡି ପୋଲିସ ଧରିବାକୁ ସକ୍ଷମ ହୋଇଛି। ଖଣିଜ ପଦାର୍ଥ ଚୋରାଚାଲାଣ ନେଇ ୬ତାରିଖରେ ଦୈନିକ ଧରିତ୍ରୀରେ ପ୍ରକାଶ ପାଇବା ପରେ ପୋଲିସ ତରଫରୁ ଏହି ଚଢାଉ କରାଯାଇଛି।

# ଏଫଏମ୍ ବିଶ୍ୱବିଦ୍ୟାଳୟରେ ଜାତୀୟ ସ୍ତରୀୟ ୱେବିନାର

ବାଲେଶ୍ୱର ଅଫିସ, ୯।୧୧

ବାଲେଶ୍ୱର ଫକୀରମୋହନ ବିଶ୍ୱବିଦ୍ୟାଳୟର ସାମ୍ବାଦିକତା ଓ ଗଣଯୋଗାଯୋଗର ପୋଷ୍ଟ ଗ୍ରାଜୁଏଟ୍ ବିଭାଗ ଆନୁକୂଲ୍ୟରେ ସୋମବାର ଦିନିକିଆ ଜାତୀୟ ୱେବିନାର ଆୟୋଜିତ ହୋଇଯାଇଛି। ଗୁଗୁଲ ମିଟ୍ ଜରିଆରେ 'ଭାରତରେ ମିଡ଼ିଆ ଶିକ୍ଷା ଏବଂ ଏହାର ଅନୁସନ୍ଧାନ : ସମସ୍ୟା ଏବଂ ଆଶା' ଶୀର୍ଷକରେ ଆଲୋଚନା ହୋଇଥିଲା। ବିଭାଗ ମୁଖ୍ୟ ଡ. ଭାରତୀ ବାଳା ପଟ୍ଟନାୟକ ୱେବିନାରର କନଭେନର ରହିଥିବା ବେଳେ ଜେଏମସି ବିଭାଗର ସଙ୍ଗଠକ ସମ୍ପାଦକ ତଥା ସହକାରୀ ପ୍ରଫେସର ଡ. ସ୍ମିତି ପାଢ଼ୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ୱେବିନାର ମୁଖ୍ୟ ପୃଷ୍ଠପୋଷକ ଫକୀରମୋହନ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ମଧୁମିତା ଦାସ ଏବଂ ୱେବିନାରର ପୃଷ୍ଠପୋଷକ ପ୍ରଫେସର ସଚ୍ଚିଦାନନ୍ଦ ଦେହୁରୀ ମିଶ୍ରିତ ଶିକ୍ଷାର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। ଜୟପୁର (ରାଜସ୍ଥାନ) ବିଶ୍ୱବିଦ୍ୟାଳୟ ଗଣଯୋଗାଯୋଗ କେନ୍ଦ୍ରର ପୂର୍ବତନ ମୁଖ୍ୟ ପ୍ରଫେସର ସଞ୍ଜୀବ ଭାନୱାଟ, ଆସାମ ତେଜ୍‌ପୁର କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ଗଣଯୋଗାଯୋଗ ତଥା ସାମ୍ବାଦିକତା ବିଭାଗର ପ୍ରଫେସର ସୁନୀଲ ବେହେରା, ଭୋପାଳ ମାଖନଲାଲ ଚତୁର୍ବେଦୀ ବିଶ୍ୱବିଦ୍ୟାଳୟ ସାମ୍ବାଦିକତା ଏବଂ ଯୋଗାଯୋଗର କୁଳପତି ପ୍ରଫେସର କେଜି ସୁରେଶ, ହିମାଚଳ ପ୍ରଦେଶ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ସ୍କୁଲ ଅଫ୍ ସାମ୍ବାଦିକତା ପ୍ରଫେସର ତଥା ଡିନ୍ ପ୍ରଦୀପ ନାୟାର ୱେବିନାରର ବିଶେଷଜ୍ଞ ଥିଲେ। ମିଡ଼ିଆ ଏବଂ ଗଣଯୋଗାଯୋଗର ଛାତ୍ର, ଅନୁସନ୍ଧାନକାରୀ ପଣ୍ଡିତ, ଏକାଡ଼େମିକ୍ ଏବଂ ମିଡ଼ିଆ ପ୍ରଫେସନାଲଙ୍କ ସମେତ ୨୪ଟି ରାଜ୍ୟରୁ ପ୍ରାୟ ୨ଶହ ଅଂଶଗ୍ରହଣକାରୀ ୱେବିନାର୍ ପାଇଁ ପଞ୍ଜୀକୃତ ହୋଇଥିଲେ। ସହକାରୀ ପ୍ରଫେସର, ଜେଏମସି ଡ. ଅଶେଷ କୁମାର ନାୟକ ପ୍ରଶ୍ନ ଏବଂ ଉତ୍ତରଗୁଡ଼ିକର ପରିଚାଳନା କରିଥିବା ବେଳେ ଆସିଷ୍ଟାଣ୍ଟ ପ୍ରଫେସର ଜେଏମ୍‌ସି ମୋତି ପାଙ୍ଗକୁମଙ୍କ ଧନ୍ୟବାଦ ଦେଇଥିଲେ।


ଜାତୀୟସ୍ତରୀୟ ୱେବିନାର୍।

## ଚନ୍ଦ୍ରଭାଗୋତ୍ସବ ପାଇଁ ବୈଠକ

ବାଲେଶ୍ୱର ଅଫିସ, ୯।୧୧

ଚନ୍ଦ୍ରଭାଗୋତ୍ସବ ପାଇଁ ବାଲେଶ୍ୱରରେ ଏକ ବିଚାର ବିମର୍ଷ ବୈଠକ ଅନୁଷ୍ଠିତ ହୋଇଛି। ସାମାଜିକ କର୍ମୀ ଗୌରାଙ୍ଗ ଚରଣ ପାଣିଗ୍ରାହୀ ପୌରୋହିତ୍ୟ କରି ଚଳିତବର୍ଷର ଚନ୍ଦ୍ରଭାଗୋତ୍ସବ ସମ୍ପର୍କରେ ସଦସ୍ୟମାନଙ୍କ ସହ ଆଲୋଚନା କରିଥିଲେ। ଏନେଇ ଜିଲାପାଳ, ଅତିରିକ୍ତ ଜିଲାପାଳ ଏବଂ ପୌରପାଳିକା କାର୍ଯ୍ୟନିର୍ବାହୀଙ୍କ ପରାମର୍ଶ ନେବା ଲାଗି ନିଷ୍ପତ୍ତି ହୋଇଥିଲା। ଚନ୍ଦ୍ରଭାଗା ଅନୁଷ୍ଠାନର ପ୍ରତିଷ୍ଠାତା କବି ଶ୍ରୀଦେବ, ବରିଷ୍ଠ ଉପଦେଷ୍ଟା ଧୀରେନ୍ଦ୍ର ନାରାୟଣ ଦାସ, ଶିକ୍ଷାବିତ୍ ଡ. ଭାଗବତ ପାଣିଗ୍ରାହୀ, ଅଭିନେତା, ନିର୍ଦ୍ଦେଶକ କମଳଲୋଚନ ଦାଶ, ଆଇନଜୀବୀ ଅଶୋକ ସେନାପତି ଓ ନିରଞ୍ଜନ ପରିଡ଼ା, ସାମାଜିକ କର୍ମୀ ଜୟନ୍ତ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ଅଧ୍ୟାପକ ଶଶିକାନ୍ତ ମହାନ୍ତି, ଶ୍ୟାମସୁନ୍ଦର ଜେନା ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ।

# ନାମଲେଖା ପାଇଁ ଛେଳି, କୁକୁଡ଼ା ବରାଦ

କେନ୍ଦୁଝର,୯।୧୧(ସ୍ୱ.ପ୍ର)

କେନ୍ଦୁଝର ଜିଲା ଏକ ଆଦିବାସୀ ବହୁଳ ଅଞ୍ଚଳ। ଆଦିବାସୀଙ୍କ ଶିକ୍ଷାର ବିକାଶ ପାଇଁ ମାଗଣା ଆବାସିକ ଶିକ୍ଷା ବ୍ୟବସ୍ଥା କରାଯାଇଛି। ଏହା ଦ୍ୱାରା ଗରିବ ପିଲାମାନେ ଯେପରି ପାଠ ପଢାରୁ ବଞ୍ଚିତ ହେବେ ନାହିଁ ସେଥିପ୍ରତି ବିଶେଷ ଧ୍ୟାନ ଦେବାକୁ କୁହାଯାଇଛି। ସେମାନଙ୍କ ରହିବାଠାରୁ ଖାଦ୍ୟପେୟ, ପୋଷାକ, ବାର୍ଷିକ ସ୍କଲାରଶିପ୍ ସହାୟତା ବ୍ୟବସ୍ଥା କରାଯାଇଛି। ଚଳିତବର୍ଷ କରୋନା ମହାମାରୀ ପ୍ରଭାବରେ ସ୍କୁଲଗୁଡ଼ିକ ବନ୍ଦ ଅଛି। ତେଣୁ ଶିକ୍ଷା ବର୍ଷରେ ପାଠ୍ୟକ୍ରମ ପଛୁଆ ରହିଛି। ନଭେମ୍ବର ମାସରେ ସରକାରୀ, ବେସରକାରୀ ସମସ୍ତ ବିଦ୍ୟାଳୟ ଖୋଲାଯିବାକୁ ସୂଚନା ରହିଥିବାବେଳେ ପୁଣି ଅବଧି ବଢାଇ ଦିଆଯାଇଛି। ସେହିପରି ଆଶ୍ରମ ସ୍କୁଲରେ ପିଲାଙ୍କ ନାମଲେଖା ପାଇଁ ପ୍ରକ୍ରିୟା ଆରମ୍ଭ ହୋଇ ସାରିଛି। ଏନେଇ ଆଦିବାସୀ ପିଲାମାନଙ୍କୁ ଅଭିଭାବକମାନେ ଆଶ୍ରମ ସ୍କୁଲରେ

**ଜିଲାପାଳଙ୍କ ଦ୍ୱାରସ୍ଥ ହେଲେ ଅଭିଭାବକ**

ଭର୍ତ୍ତି କରିବାକୁ ଯାଉଛନ୍ତି। ତେବେ ବାଂଶପାଳ ବ୍ଲକ କାଞ୍ଜିପାଣି ଆଶ୍ରମରେ ପିଲାମାନଙ୍କୁ ଭର୍ତ୍ତି କରିବା ଆଳରେ କାର୍ଯ୍ୟରତ ଶିକ୍ଷକମାନେ ଅଭିଭାବକମାନଙ୍କୁ କୁକୁଡ଼ା, ଖାସି ଓ ଟଙ୍କା ମାଗିବା ଘଟଣା ଜିଲାପାଳଙ୍କ ଠାରେ ଅଭିଯୋଗ ହେବା ଚର୍ଚ୍ଚାର ବିଷୟ ହୋଇଛି। ଗତ ରବିବାର ଆଶ୍ରମରେ ଲଟେରି ମାଧ୍ୟମରେ ଛାତ୍ରୀଛାତ୍ର ଚୟନ ହେବାର ଥିଲା। ସେହି ସମୟରେ ପିଲାଙ୍କୁ ଭର୍ତ୍ତି କରିବାକୁ ଅଭିଭାବକଙ୍କୁ ଛେଳି, କୁକୁଡ଼ା, ଟଙ୍କା ମଗାଯାଇଥିଲା। ଗରିବ ଅଭିଭାବକମାନେ ସେମାନଙ୍କ ପାଖରେ ସେସବୁ ନ ଥିବାରୁ ପ୍ରତିବାଦରେ ସୋମବାର ଆଶ୍ରମ ସ୍କୁଲ ଶିକ୍ଷକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ଲିଖିତ ଅଭିଯୋଗ କରିଥିଲେ। ଏନେଇ ଜିଲା ଆଦିବାସୀ ହରିଜନ ଉନ୍ନୟନ ଅଧିକାରୀ ପ୍ରଦ୍ୟୁମ୍ନ କୁମାର ଦାସ ଜିଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ପିଲାମାନଙ୍କୁ ଆଶ୍ରମ ସ୍କୁଲରେ ଭର୍ତ୍ତି କରିବାକୁ ପ୍ରତିଶ୍ରୁତି ଦେବାସହ ଶିକ୍ଷକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ବୋଲି କହିଛନ୍ତି।

